visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.92 Bhubaneswar Saturday May 21 2022 | ୨୫ତମ ବର୍ଷ | ସଂଖ୍ୟା-୯୨ ଭୁବନେଶ୍ୱର, ଶନିବାର, ମଇ ୨୧, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS




ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ରାଜୀବଗାନ୍ଧୀଙ୍କ ୩୧ତମ ଶ୍ରାଦ୍ଧଦିବସ ଉପଲକ୍ଷେ ଭକ୍ତପୁତ ଶ୍ରଦ୍ଧାଞ୍ଜଳି ।

## ରାଜଧାନୀରେ ଅସହ୍ୟ ଗୁଳୁଗୁଳି

ଭୁବନେଶ୍ୱର, ୨୦।୫(ପି.ଏନ) : ଅସହ୍ୟ ଗୁଳୁଗୁଳିରେ ସନ୍ତୁଳି ହେଉଛି ରାଜ୍ୟ ରାଜଧାନୀ। ଆଦ୍ରତା ଅଧିକ ରହୁଥିବାରୁ ଗୁଳୁଗୁଳି ଅନୁଭୂତ ହେଉଥିବା ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସକାଳ ୯ ଟା ପରଠାରୁ ରାଜଧାନୀ ଭୁବନେଶ୍ୱର ସହରରେ ଆଦ୍ରତା କ୍ରମାଗତ ଭାବେ ୫୦% ରୁ ଅଧିକ ରହୁଥିବାରୁ ଗୁଳୁଗୁଳି ଅଧିକ ଅନୁଭୂତ ହେଉଛି ।

# ଜେଲ୍ ଯିବେ ଚିଲିକା ବିଧାୟକ, ନିୟମିତ ଜାମିନ ଆବେଦନକୁ ଖାରଜ କଲେ ଉଚ୍ଚ ନ୍ୟାୟାଳୟ

ଖୋର୍ଦ୍ଧା, ୨୦।୫(ପି.ଏନ): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିଛନ୍ତି ଉଚ୍ଚ ନ୍ୟାୟାଳୟ। ଗତ ୯ ତାରିଖରେ ନିୟମିତ ଜାମିନ ପାଇଁ ଶୁଣାଣି ଶେଷ ହୋଇଥିଲା।ଏପରିକି ତାହାର ରାୟ ଆଜି ପ୍ରକାଶ ପାଇଛି। ରାୟରେ ଉଚ୍ଚ ନ୍ୟାୟାଳୟ ନିୟମିତ ଜାମିନକୁ ଖାରଜ କରିଦେଇଛନ୍ତି। ତେବେ ଚଳିତ ମାସ ୨୩ ତାରିଖ ଦିନ ବିଧାୟକ ବାଣପୁର ତଳ କୋର୍ଟରେ ଆତ୍ମସମର୍ପଣ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ପକ୍ଷ ଓକିଲଙ୍କ ଲମ୍ବା ଯୁକ୍ତି ଶୁଣିବା ପରେ ଉଚ୍ଚ ନ୍ୟାୟାଳୟ ଏହି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସଏସ ପ୍ରଧାନ ଏବଂ ପୀଡ଼ିତମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ଖଣ୍ଡାୟତରାୟ ଓ ସାସ୍ୱତୀ ମହାପାତ୍ର ଉକ୍ତ ମାମଲା ପରିଚାଳନା କରୁଥିଲେ। ବିଧାୟକଙ୍କ ନିୟମିତ ଜାମିନକୁ ସେମାନେ କଡ଼ା ବିରୋଧ କରିଥିଲେ। ସେମାନେ ଯୁକ୍ତି ବାଢିଥିଲେ ଯେ, ବାଣପୁର ବ୍ଲକ ଅଧକ୍ଷ ନିର୍ବାଚନରେ ବିଧାୟକଙ୍କ ବ୍ଲକ ପରିସରକୁ ଯିବା ଯୁକ୍ତିଯୁକ୍ତ ନଥିଲା। ଏପରିକି ପୋଲିସ ବାରଣ କରିବା ସତ୍ୱେ ବିଧାୟକ ଜାଲ ନମ୍ବର ଥିବା ଗାଡ଼ି ଚଳାଇ ଉଦ୍ଦେଶ୍ୟମୂଳକ ଭାବେ ଲୋକ ଏବଂ ପୋଲିସ ଉପରକୁ ଗାଡ଼ି ଚଢ଼ାଇଥିଲେ।ସୂଚନା ଥାଉକି, ୧୯୯୨ ମସିହାରୁ ଏଯାବତ୍ ବିଧାୟକଙ୍କ ବିରୋଧରେ ୧୨ ଗୋଟି ଅପରାଧିକ ମାମଲା ଅଛି। ତେଣୁ ସେ ଜଣେ ଅଭ୍ୟାସଗତ ଅପରାଧୀ। ସେହିପରି ଗତବର୍ଷ ବାଲୁଗାଁ ବିଜେପି ନଗର ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣାରେ ବିଧାୟକଙ୍କୁ ଜାମିନ ମିଳିବା ପରେ ପୁଣି ବିଧାୟକଙ୍କ ବିରୁଦ୍ଧରେ ଦୁଇ ଦୁଇଟା ଅପରାଧିକ ମାମଲା ରୁଜୁ ହୋଇଛି। ଯାହାଦ୍ୱାରା ସେ ଜାମିନ ସର୍ତ୍ତ ଉଲ୍ଲଙ୍ଘନ କରିଥିବାର ପୀଡ଼ିତମାନଙ୍କ ଓକିଲ ଦର୍ଶାଇଥିଲେ। ତତସହିତ ପୂର୍ବରୁ ସମାନ ଧରଣର ଦୁଇ ଗୋଟି ମାମଲାରେ ଆପେକ୍ସ କୋର୍ଟ ଦେଇଥିବା ରାୟର ମଧ ଉଦାହରଣ ପୀଡ଼ିତମାନଙ୍କ ଓକିଲ ଦେଇଥିଲେ। ବିଧାୟକଙ୍କ ଯଦି ସ୍ୱାସ୍ଥ୍ୟଗତ ସମସ୍ୟା ଜେଲରେ ଦେଖାଯାଏ, ତେବେ ତାଙ୍କର ଚିକିତ୍ସା ବ୍ୟବସ୍ଥା ଜେଲ କର୍ତୃପକ୍ଷ କରିପାରିବେ ବୋଲି ଉକ୍ତ ରାୟରେ ଉଲ୍ଲେଖ ଅଛି। ବର୍ତମାନ ବିଧାୟକଙ୍କ ପାଇଁ ଉଚ୍ଚ ନ୍ୟାୟାଳୟର ସମସ୍ତ ଦ୍ୱାର ବନ୍ଦ ହୋଇଯାଇଥିବା ସ୍ଥଳେ ସେ ନିୟମିତ ଜାମିନ ପାଇବା ପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇପାରିବେ ବୋଲି ଆଇନ ବିଶାରଦ ମାନେ କହିଛନ୍ତି।



ବ୍ରଜରାଜ ନଗର ନିର୍ବାଚନମଣ୍ଡଳୀ ବେଲପାହାଡ଼ ମ୍ୟୁନିସିପାଲଟିରେ ଉଚ୍ଚଶିକ୍ଷା ଓ କୃଷି ମନ୍ତ୍ରୀ ଡକ୍ଟର ଅରୁଣ ସାହୁ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ମହାପାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ କଟକ ମେୟର ସୁବାଷ ସିଂ ଏକ ନିର୍ବାଚନ ପ୍ରଚାର ସଭାରେ

# ବ୍ରଜରାଜନଗର ବିଧାନସଭା ଉପ ନିର୍ବାଚନ : ମୋଟ ୨୭୯ ବୁଥ୍‌ରେ ହେବ ଭୋଟ ଗ୍ରହଣ

ଭୁବନେଶ୍ୱର, ୨୦।୫(ପି.ଏନ) : ବ୍ରଜରାଜନଗର ବିଧାନସଭା ପାଇଁ ହେବାକୁ ଥିବା ଉପ ନିର୍ବାଚନରେ ଚଳିତ ଥର ବ୍ରଜରାଜନଗର ଉପନିର୍ବାଚନରେ ସମୁଦାୟ ୨୧୫୮୭୮ ଜଣ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ତନ୍ମଧ୍ୟରେ ୧୧୦୦୫୦ ଜଣ ପୁରୁଷ, ୧୦୪୮୧୧ ଜଣ ମହିଳା ଓ ୧୭ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ଭୋଟଗ୍ରହଣ ନିମନ୍ତେ ଆବଶ୍ୟକ ହେଉଥିବା ୩୧୯ ବାଲାଟ୍ ୟୁନିଟ୍, ୩୧୯ କଂଟ୍ରୋଲ ୟୁନିଟ୍ ଏବଂ ୪୧୯ ଭିଭିପ୍ୟାଟ୍ ମହଜୁଦ୍ ହୋଇରହିଛି। ବ୍ରଜରାଜନଗର ଉପ ନିର୍ବାଚନର ଭୋଟ୍ ଗ୍ରହଣ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଉପ ନିର୍ବାଚନ ପାଇଁ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । କୋଭିଡ୍-୧୯ ଦୃଷ୍ଟିକୋଣରୁ ପ୍ରତ୍ୟେକ ବୁଥ୍ ରେ ସର୍ବାଧିକ ୧୨୫୦ ଜଣ ଭୋଟର ରହିବା କାରଣରୁ ମୂଳବୁଥ୍ ବାଦ୍ ଅତିରିକ୍ତ ୨୨ ଗୋଟି ବୁଥ୍ ସ୍ଥାପନ କରାଯାଇଛି। ବର୍ତମାନ ମୋଟ ୨୭୯ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ସେଥିମଧ୍ୟରେ ୩୦ଟି ବୁଥ୍‌କୁ 'ମଡେଲ୍ ବୁଥ୍' କରାଯାଇଛି, ୫ଟି ପିଙ୍କ୍ ବୁଥ୍ ରହିଛି। ସେ କହିଛନ୍ତି ଯେ ୫୦ ପ୍ରତିଶତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ ଓ ଭିଡିଓ ଗ୍ରାଫି କରାଯିବାକୁ ସୁନିଶ୍ଚିତ କରାଯିବ । ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲୋହାନୀ କହିଛନ୍ତି ଯେ ଉପନିର୍ବାଚନ ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ପଞ୍ଜାବ କ୍ୟାଡରର ୨୦୧୦ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଶ୍ରୀମତୀ ମାଧବୀ କଟାରିଆ ଏବଂ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ୨୦୦୮ ବ୍ୟାଚ୍ ର ବରିଷ୍ଠ ଆଇଆରଏସ୍ ଅଧିକାରୀ ଏନ୍. ଅଶୋକ ବାବୁ ଜିଲ୍ଲାରେ ପହଂଚି ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ଲାଗି କାର୍ଯ୍ୟ ଆରମ୍ଭ କରିଛନ୍ତି । ସେ କହିଛନ୍ତି ଯେ ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ଭୋଟରମାନଙ୍କ ନିମନ୍ତେ ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟଦେବାର ବ୍ୟବସ୍ଥା କରାଯାଇଛି। ବ୍ରଜରାଜନଗର ବିଧାନସଭା ଉପନିର୍ବାଚନରେ ସଂରକ୍ଷିତ ପୋଲିଂ କର୍ମଚାରୀଙ୍କୁ ମିଶାଇ ମୋଟରେ ୧୩୯୬ ଜଣ ପୋଲିଙ୍ଗ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଗୋଟିଏ ବୁଥ୍ ପାଇଁ ପୁଲିଙ୍ଗ ଦଳରେ ଜଣେ ପ୍ରଜାଇଡିଂ ଅଫିସରଙ୍କ ସହ ତିନିଜଣ ପୁଲିଙ୍ଗ ଅଫିସର ରହି ସୁରୁଖୁରୁରେ ମତଦାନ ଗ୍ରହଣ କରିବେ। ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲଠାରେ ଭୋଟଗ୍ରହଣ ନିମନ୍ତେ ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର ଓ ମତଦାନ ପରେ ଇଭିଏମ୍ ଏବଂ ଭିଭିପ୍ୟାଟ୍ ଗ୍ରହଣ କେନ୍ଦ୍ର ସହ ଷ୍ଟ୍ରଙ୍ଗରୁମ୍ ସ୍ଥାପନା ଓ ଭୋଟଗଣତି କେନ୍ଦ୍ର କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ସ୍ୱଚ୍ଛ କରିବା ନିମନ୍ତେ ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଲାଇସେନ୍ସପ୍ରାପ୍ତ ୧୭୦ ଗୋଟି ଅସ୍ତ୍ରଶସ୍ତ୍ର ଜବତ କରାଯିବା ସହ ଭାରତୀୟ ପିଙ୍ଗଳକୋର୍ଡ ଧାରା ୧୦୭ ଓ ୧୧୬ ଅନୁସାରେ ୧୦୪୮ ଜଣଙ୍କୁ ଅଟକ ରଖାଯାଇଛି, ୭୧ ଜଣ ବ୍ୟକ୍ତିଙ୍କ ନାମରେ ଜାମିନବିହୀନ ୱାରେଣ୍ଟ ଜାରି କରାଯାଇଛି ଓ ୮୩୫ ଲିଟର ମଦ ଜବତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଉପନିର୍ବାଚନରେ ପ୍ରାର୍ଥୀମାନଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚର ତଦାରଖ କରିବା ପାଇଁ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ସର୍ଭିଲାନ୍ସ ଟିମ୍ ଯଥା-୨ଟି ଭିଏସ୍‌ଟିଏସ୍, ୫ଟି ଏସ୍ଏସ୍‌ଟି, ଗୋଟିଏ ଭିଭିଟି, ୬ ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଟିମ୍ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ଉପନିର୍ବାଚନ ନିମନ୍ତେ ଜିଲ୍ଲା ପ୍ରଶାସନ ଦ୍ୱାରା ୬୧ ଜଣ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତ କରାଯାଇଛି ଓ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ମତଦାନ ଦିନ ୫୦ ପ୍ରତିଶତ ବୁଥ୍ ରେ ୱେବ୍‌କାଷ୍ଟିଂ କରାଯିବା ପାଇଁ ସ୍ଥିର କରାଯାଇଛି । ଏତଦ୍ ବ୍ୟତୀତ ଦରକାର ପଡ଼ିଲେ ବୁଥ୍ ରେ ଭିଡ଼ିଓଗ୍ରାଫି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନଠାରୁ ନିର୍ବାଚନ ସଂପର୍କିତ ତଥ୍ୟ ଜାଣିବା ପାଇଁ ଜନସାଧାରଣଙ୍କ ପାଇଁ ଜିଲ୍ଲାରେ ନିଶୁଳ୍କ ଟେଲିଫୋନ୍ ନଂ-୧୯୫୦ କାର୍ଯ୍ୟକରୁଛି । ଉପନିର୍ବାଚନ ଭୋଟଗ୍ରହଣ ପୂର୍ବରୁ ପ୍ରତ୍ୟେକ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଭୋଟରମାନଙ୍କୁ ମତଦାନ କେନ୍ଦ୍ର ଓ ଭୋଟର ତାଲିକାର କ୍ରମିକ ସଂଖ୍ୟା ଥିବା ଭୋଟର ସ୍ଲିପ୍ ପ୍ରଦାନ କରିବେ । ଫଳରେ ଅଧିକ ସଂଖ୍ୟକ ଭୋଟରମାନେ ମତଦାନ କେନ୍ଦ୍ରକୁ ଆସି ମତଦାନ କରିବେ । ଦିବ୍ୟାଙ୍ଗ ଭୋଟରମାନଙ୍କ ମତଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେମାନଙ୍କୁ ସେମାନଙ୍କ ଘରଠାରୁ ମତଦାନ କେନ୍ଦ୍ରକୁ ନେବା ଆଣିବା ସହ ହ୍ୱିଲ୍ ଚେୟାରର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଦୃଷ୍ଟିବାଧିତ ଭୋଟରମାନଙ୍କ ମତଦାନ ପାଇଁ ବ୍ରେଲିଡମୀ ବାଲାଟ୍ ପେପରର ବ୍ୟବସ୍ଥା କରାଯାଇଛି । ସେମାନଙ୍କୁ ମତଦାନବେଳେ ସହାୟତା କରିବା ପାଇଁ ସ୍ୱେଚ୍ଛାସେବକମାନଙ୍କୁ ନିଯୁକ୍ତି କରାଯାଇଛି । ସମସ୍ତ ମତଦାନ କେନ୍ଦ୍ରରେ ଭୋଟରମାନଙ୍କ ନିମନ୍ତେ ଛାମୁଣ୍ଡିଆ ଓ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅର୍ଥ ଯୋଗାଇ ଦିଆଯାଇଛି । ବର୍ତମାନ ପ୍ରବଳ ଖରା ହେଉଥିବାରୁ ମତଦାନ ସମୟରେ ଭୋଟରମାନଙ୍କୁ ସମ୍ଭାବ୍ୟ ଅଂଶୁଘାତରୁ ରକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ କର୍ମଚାରୀ ଓ ବେସରକାରୀ କର୍ମଚାରୀମାନଙ୍କ ପାଇଁ ଭୋଟଗ୍ରହଣ ଦିନଟିକୁ ସବୈତନିକ ଛୁଟିଦିବସ ରୂପେ ଘୋଷଣା କରାଯାଇଛି ଓ ଭୋଟଗ୍ରହଣ ଦିନ ସମସ୍ତ ଭୋଟରଙ୍କ ପାଇଁ କୋଭିଡ୍-୧୯ ଦୃଷ୍ଟିରୁ ଥର୍ମାଲ ସ୍କାନିଂ, ହାତ ସାନିଟାଇଜ, ସାମାଜିକ ଦୂରତା ରକ୍ଷା ସହ ମାସ୍କ ପରିଧାନ ପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଯୁଗ୍ମ ନିର୍ବାଚନ ଅଧିକାରୀ ପ୍ରମୋଧ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଉଲ୍ଲେଖନୀୟ ଯେ ବ୍ରଜରାଜନଗର ଉପନିର୍ବାଚନ ପାଇଁ ଆସନ୍ତା ମଇ ୩୧ ତାରିଖରେ ଭୋଟଗ୍ରହଣ କରାଯିବ। ଜୁନ ୩ ତାରିଖରେ ଭୋଟ ଗଣନା ପରେ ଫଳାଫଳ ପ୍ରକାଶ କରାଯିବ ।

## ଏମ୍ସରେ ୩୦୦ ଟଙ୍କା ପର୍ଯ୍ୟନ୍ତ ମାଗଣା ଚେକଅପ୍

ନୂଆଦିଲ୍ଲୀ, ୨୦।୫(ପି.ଏନ) : ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ ବିନା ମୂଲ୍ୟରେ ୩୦୦ ଟଙ୍କା ପର୍ଯ୍ୟନ୍ତ ପରୀକ୍ଷା କରିବାକୁ ଘୋଷଣା କରିଛି । ଦିଲ୍ଲୀ ଏଆଇଏମଏସ ମେଡ଼ିକାଲ ଅଧିକ୍ଷକ ଡକ୍ଟର ଡି. କେ. ଶର୍ମା କହିଛନ୍ତି ଯେ, ଏହି ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ ହୋଇଛି ।ଶର୍ମା କହିଛନ୍ତି ଯେ, ଲ୍ୟାବ ପରୀକ୍ଷା, ଏକ୍ସ-ରେ ଏବଂ ଅନ୍ୟାନ୍ୟ ପ୍ରକାରର ପରୀକ୍ଷା ମାଗଣାରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପଦକ୍ଷେପ ଆର୍ଥିକ ଦୁର୍ବଳ ରୋଗୀଙ୍କୁ ଆରାମ ପ୍ରଦାନ କରିବ । ସେ କହିଛନ୍ତି ଯେ, ଏପରି କିଛି ଚିକିତ୍ସା ଅଛି ଯେଉଁଥିରେ ରୋଗୀଙ୍କୁ ଏକାଧିକ ଥର ସମାନ ପରୀକ୍ଷା କରିବାକୁ ପଡ଼ିବ । ଏଭଳି ପରିସ୍ଥିତିରେ ରୋଗୀଙ୍କୁ ପ୍ରତ୍ୟେକ ଥର ଟଙ୍କା ଦେବାକୁ ପଡୁଥିଲା। ବର୍ତମାନ ଏହି ରୋଗୀଙ୍କୁ କୌଣସି ଟଙ୍କା ଦେବାକୁ ପଡ଼ିବ ନାହିଁ।

## ୟୁପିର ଉପ ମୁଖ୍ୟମନ୍ତ୍ରୀ ସପ୍ଲାଇ ଗୋଦାମରେ କଲେ ଚଢ଼ାଉ

ଲକ୍ଷ୍ନୌ, ୨୦।୫(ପି.ଏନ) : ଉତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଶୁକ୍ରବାର ଦିନ ହଠାତ୍ ସମଗ୍ର ଟିମ୍ ସହିତ ମେଡ଼ିକାଲ ଯୋଗାଣ ନିଗମର ଗୋଡାଉନ୍ ଉପରେ ଚଢ଼ାଉ କରିଛନ୍ତି, ଯେଉଁଠାରୁ ୧୬.୪୦ କୋଟି ଟଙ୍କା ମୂଲ୍ୟର ଏକ୍ସପାଇରି ଔଷଧ ମିଳିଛି । ଏହି ଘଟଣାର ତଦନ୍ତ ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀ ମାନଙ୍କ ଠାରୁ ପ୍ରତ୍ୟେକ ଟଙ୍କା ଆଦାୟ କରାଯିବ ବୋଲି ସେ କହିଛନ୍ତି ।ଉପମୁଖ୍ୟମନ୍ତ୍ରୀ ପାଠକ ଜଣେ ଆଇଏଏସ୍ ଅଧିକାରୀଙ୍କ ସହ ଚଢ଼ାଉ କରିବାକୁ ଆସିଥିଲେ । ସେଠାରେ ସେ ଭିଡ଼ିଓଗ୍ରାଫି ମଧ୍ୟ କରିଥିଲେ। ଏହା ସହିତ ସମସ୍ତ ପ୍ରମାଣର ରେକର୍ଡ଼ିଂ ଘଟଣାସ୍ଥଳରୁ କରାଯାଇଥିଲା ଏବଂ କାଗଜପତ୍ର ଜବତ କରାଯାଇଥିଲା । ଏତେ ପରିମାଣର ଏକ୍ସପାଇଆରି ଔଷଧ ଦେଖି ଉପମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ଜନସାଧାରଣଙ୍କ ଏହି ଟଙ୍କା ଏହିପରି ନଷ୍ଟ ହେବାକୁ ଦିଆଯିବ ନାହିଁ। ମୁଁ ନଷ୍ଟ ହୋଇଥିବା ପ୍ରତ୍ୟେକ ପଇସା ଆଦାୟ କରିବି । ତିନି ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ବ୍ରଜରାଜନଗର ଉପନିର୍ବାଚନ ପାଇଁ ଘୁଂଚିଲା ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୨୦।୫(ପି.ଏନ) : ବ୍ରଜରାଜନଗର ଉପନିର୍ବାଚନ ପାଇଁ ଦ୍ୱାଦଶ(ଯୁକ୍ତ ଦୁଇ) ପରୀକ୍ଷା ଘୁଂଚାଇ ଦିଆଯାଇଛି। ପରୀକ୍ଷା ଘୁଂଚିବା ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ମେ ୩୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ଜୁନ ୪କୁ ଘୁଂଚାଇଦିଆଯାଇଛି ।



୩୧ ତାରିଖ ଦିନ କଳା ବିଭାଗର ଗଣିତ ଓ ଗୃହ ବିଜ୍ଞାନ ସହ ବିଜ୍ଞାନର ଗଣିତ ପରୀକ୍ଷା ହେବାର ଥିଲା। ତେବେ ୨୧ ତାରିଖରୁ ୨୮ ତାରିଖର ସୂଚୀ ପୂର୍ବବତ ରହିବ । ସୂଚନା ଥାଉ କି ମେ ୩୧ ତାରିଖରେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ । ଜୁନ ୩ରେ ଭୋଟ ଗଣତି ହେବ ।


## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ରଞ୍ଜନ କୁମାର ରାଉଳ

ଉତ୍ତରପ୍ରତାପ, ଜାରକା, ଯାଜପୁର

ତିରୋଧାନ:୧୧ ୦୫ ୨୦୨୨

ଆଜି ଏକାଦଶାହରେ ଆମେ ସମସ୍ତେ ତୁମ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ତୁମ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ମାଆ, ପତ୍ନୀ, କାକା(ସୂର୍ଯ୍ୟମଣି ରାଉଳ), ଖୁଡ଼ି, ଭଉଣୀମାନେ,
ଝିଅ -(କିଟି, ସୁଇଟି) ଏବଂ
ବନ୍ଧୁ ଆତ୍ମିୟସ୍ୱଜନ ଓ ପରିବାର ବର୍ଗ ।

ଫ୍ରେଣ୍ଡସ୍ ଅଫ୍ ଭଦ୍ରକର ସଦସ୍ୟ ବୃନ୍ଦ


## ବହୁ ଚର୍ଚ୍ଚିତ ଗୁଳିକାଣ୍ଡ, ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସିପୁ ପାତ୍ର ଗିରଫ

ହରିଚନ୍ଦନପୁର, ୨୦।୫(ପି.ଏନ): ବହୁ ଚର୍ଚ୍ଚିତ ଖଡ଼ିବାହାଳୀ ଗ୍ରୋସରୀ ଦୋକାନୀ ଜଗବନ୍ଧୁ ମହାପାତ୍ରଙ୍କୁ ଗୁଳିକାଣ୍ଡ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କଲା ହରିଚନ୍ଦନପୁର ପୋଲିସ । ଗିରଫ ଅଭିଯୁକ୍ତ ଘସିପୁରା ବ୍ଲକ ବରିପାଳ ଅଂଚଳର ସିପୁ ପାତ୍ର ବୋଲି ଜଣାପଡିଛି । ଗତ ୨୮ ତାରିଖ ହରିଚନ୍ଦନପୁର ବ୍ଲକ ସୁନାପେଣ୍ଠ ଗ୍ରାମ ପଂଚାୟତ କମଳାଙ୍ଗି ଗ୍ରାମର ପୃଥିରାଜ ମହାନ୍ତ ଗିରଫ ହୋଇଥିଲେ । ତେବେ ଗିରଫ ହୋଇଥିବା ସିପୁ ପାତ୍ର ନାଁରେ ବିଭିନ୍ନ ସ୍ଥାନରେ ରହିଛି ଅନେକ ଅପରାଧିକ ମାମଲା । ଶଗଡପଟା ଖଡ଼ିବାହାଳୀ ଛକ ଗ୍ରୋସରୀ ଦୋକାନୀ ଜଗବନ୍ଧୁ ମହାପାତ୍ର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଥିଲା ସିପୁ ପାତ୍ର । ସୂଚନା ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡ଼ିବାହାଳୀ ଛକରେ ଥିବା ଦେବାଶିଷ ଭେରାଇଟ ଷ୍ଟୋରରେ ଗତ ଏପ୍ରିଲ ମାସ ୨୬ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ଦୁଇଜଣ ପହଁଚି ସିଗାରେଟ ମାଗିଥିଲେ ସିଗାରେଟ୍ ଦେବାରେ ବିଳମ୍ବ ହେବାରୁ ଉତ୍ୟକ୍ତ ହୋଇ ଦୋକାନୀ ଜଗବନ୍ଧୁ ମହାପାତ୍ରଙ୍କୁ ଗୁଳିମାଡ଼ କରିଥିଲେ । ଦୋକାନୀ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ ହୋଇଥିଲା । ତେବେ ମୁଖ୍ୟ ଅଭିଯୁକ୍ତ ଗିରଫ ଦାବିରେ ଗତ ୧୦ ତାରିଖ ଖଡ଼ିବାହାଳୀ ଛକରେ ଶବ ରଖି ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ । ଏ ନେଇ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ରାଜ୍ୟ ବାହାରକୁ ଯାଇ ଫେରାର ଥିବା ସିପୁ ପାତ୍ରକୁ ଗିରଫ କରିଥିବା ନେଇ ଘଟଗାଁ ଏସଡିପିଓ ଅସିତ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ପୋଲିସ କେସ ନମ୍ବର (୭୩/୨୨) ରେ ଧାରା ୩୪୧,୨୯୪, ୩୨୩,୩୦୨,୩୪ ଆଇପିଶି ୨୫/୨୭ ଦଫାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ରହିଛି ।

## ସନ୍ଦେହ ଘେରରେ କେନ୍ଦୁଝରର ମହାବଳ ବାଘ ଛାଲ ଉଦ୍ଧାର ଘଟଣା: ସଠିକ ତଦନ୍ତର ଆବଶ୍ୟକ

କେନ୍ଦୁଝର,୨୦।୫(ପି.ଏନ) : କେନ୍ଦୁଝର ରେ ଜବଦ ହୋଇଛି ମହାବଳ ବାଘର ଛାଲ । ଏହାକୁ ବନ ବିଭାଗର ଏକ ସଫଳତା ବୋଲି କୁହାଯାଇପାରେ । କେନ୍ଦୁଝର ଜିଲ୍ଲାର ଦୈତାରୀ ରେଞ୍ଜ ଅଂଚଳରେ ଏହି ମହାବଳ ବାଘର ଛାଲ ଜବଦ ହୋଇଛି । କେନ୍ଦୁଝର ରେ ଏକ ପକ୍ଷରେ ଯୋଡା ଅଂଚଳରେ ଟ୍ରେନ ଧକ୍କାରେ ୩ ଟି ହାତୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟପଟେ ମହାବାଳ ବାଘର ଛାଲ ଜବଦ ହେଉଛି । କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବନଖଣ୍ଡ ଅଧିନସ୍ଥ ଦୈତାରୀ ରେଞ୍ଜ ଅନ୍ତର୍ଗତ ବୁଢିପଦା ଗ୍ରାମରୁ ଏହି ମହାବଳ ବାଘ ଛାଲକୁ ଉଦ୍ଧାର କରିବା ସହ ଏହି ଘଟଣା ସଂପୃକ୍ତ ଅଭିଯୋଗରେ ଜଣକୁ ମଧ୍ୟ ଅଟକ ରଖି ପଚରାଉଚରା କରୁଛି ବନ ବିଭାଗ । ଦୈତାରୀ ଥାନା ଅନ୍ତର୍ଗତ ବୁଢୀପଦା ଗ୍ରାମର ବିଟୁ ମହାକୁଡ ନାମକ ଜନୈକ ବ୍ୟକ୍ତି ଏକ ବାଘ ଛାଲ ଘରେ ରଖିଥିବା ସଂପର୍କରେ ବନ ବିଭାଗ ନିକଟରେ ସୂଚନା ପହଂଚିଥିଲା । ଏହି ସୂଚନାକୁ ଆଧାର କରି ବନ ବିଭାଗ କିଛି ଦିନ ହେବ ଟ୍ରାକ କରୁଥିଲା । ଏବଂ ଗତକାଲି ରାତ୍ରୀରେ ବନ ବିଭାଗ ପକ୍ଷରୁ ହଠାତ ତାଙ୍କ ଘର ଉପରେ ଚଢାଉ କରାଯାଇ ବାଘ ଛାବ ଜବଦ କରାଯିବା ସଂପୃକ୍ତ ନିଟୁ ମହାକୁଡକୁ ଅଟକ ରଖାଯାଇଛି । ଚଢାଉ ସମୟରେ ବିଟୁ ମହାକୁଡଡ ବନ ବିଭାଗକୁ ଚକମା ଦେଖାଇ ଖସି ପଳାଇ ଯାଉଥିବା ବେଳେ ହରିଚନ୍ଦନପୁର ସେନାପତି ଗ୍ରାମରୁ ତାକୁ ଧରିବାରେ ସକ୍ଷମ ହୋଇଥିଲା । ଅଭିଯୁକ୍ତ ବିଟୁ ମହାକୁଡ ଓ ବାଘଛାଲକୁ ଧରି ବନ ବିଭାଗ , ଦେଓଗାଁ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିବା ବେଳେ ଆଜି ପୁନର୍ବାର ସଂପୃକ୍ତ ବ୍ୟକ୍ତିଙ୍କୁ ଧରି ଅଧିକ ତଦନ୍ତ ପାଇଁ ବୁଢୀପଦ ଗଂାଯାଇଛନ୍ତି । ବିଟୁ ମହାକୁଡଙ୍କ କହିବାନୁଶାରେ ଏହି ଘଟଣାରେ ତାଙ୍କ ସହ ଆଉ ଦୁଇ ଜଣ ସାମିଲ ଥିବା ବେଳେ ତାଙ୍କ ବାପା ବାଘକୁ ବିଷ ଦେଇ ମାରିଦେଇଥିଲେ ।





# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ୍ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ୍ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହି ଗୁଣଗୁଡ଼ିକ ହେଉଛି କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତ୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେଭିସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡେ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଐତିହ୍ୟସମ୍ପନ୍ନ ଗଞ୍ଜାମର ଚନ୍ଦନଯାତ୍ରା



ଓଡ଼ିଆ ଜାତିର ପ୍ରାଚୀନ ଇତିହାସକୁ ଅନୁଧ୍ୟାନ କଲେ ଏକ ବିକାଶଶୀଳ ଓ ସମୃଦ୍ଧ ଗୋଷ୍ଠୀର ରୂପଚିତ୍ର ସ୍ପଷ୍ଟ ହୋଇ ଉଠେ । ଉଡ୍ର, କଳିଙ୍ଗ, କୋଶଳ ପରି ବହୁ ନାମରେ ପରିଚିତ ଓଡ଼ିଆ ଜାତି ଯୁଗେ ଯୁଗେ ଆପଣାର ସ୍ୱତନ୍ତ୍ର ବୈଶିଷ୍ଟ୍ୟକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରିଅଛି । ବିଶେଷକରି କଳିଙ୍ଗ ଭାବରେ ପରିଚିତ ଗଞ୍ଜାମ ଅଞ୍ଚଳ ଏକ ସ୍ୱତନ୍ତ୍ର ସ୍ୱୀକୃତିର ଅପେକ୍ଷା ରଖିଥାଏ । ପୁଣ୍ୟତୋୟା ଋଷିକୁଲ୍ୟାର ଶୀତଳ ପବନ ଯାହାର ଶରୀରକୁ ଝଙ୍କୃତ କରେ, ନୀଳ ବଙ୍ଗୋପସାଗର ଯେଉଁ ସହରର ଚରଣକୁ ସ୍ପର୍ଶ କରେ; ସେହି ହେଉଛି ସଂସ୍କୃତି ଐତିହ୍ୟର ଐତିହାସିକ ସହର ଗଞ୍ଜାମ । ଯାହାକୁ ନେଇ ସମଗ୍ର ଜିଲ୍ଲାର ନାମକରଣ କରାଯାଇଛି । ତେଣୁ ଆଧୁନିକ ଓଡ଼ିଶାର ମାନଚିତ୍ରରେ ଗଞ୍ଜାମ ନାମକ ପ୍ରଶାସନିକ ନାମକରଣରୁ ଗଢ଼ିଉଠିଥିବା ଗଞ୍ଜାମ ଜିଲ୍ଲା ଗଞ୍ଜାମ ସହରକୁ ନେଇ ଗର୍ବିତ ହେବା ସ୍ୱାଭାବିକ । ଇତିହାସ କହେ, ଏକ ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ଭାବରେ ଏ ଅଞ୍ଚଳ ବିକାଶଲାଭ କରିଥିଲା । ଅଷ୍ଟାଦଶ ଶତାବ୍ଦୀର ଆଦ୍ୟଭାଗରେ ଗଞ୍ଜାମ ଅଞ୍ଚଳ ଥିଲା ଗଂଜାମ ଜିଲ୍ଲାର ଏକ ପ୍ରମୁଖ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର । ଅତୀତର ସ୍ମୃତିକୁ ବହନ କରି ଆଜି ବି 'ପୋତାଗଡ଼' ଏହି ସତ୍ୟକୁ ଉପସ୍ଥାପିତ କରି ଆସୁଅଛି । ଏପରିକି ନୀଳ ବୀଚିମାଳା ଭରା ସାଗର ଗର୍ଭରେ ଗଞ୍ଜାମ ଜିଲ୍ଲାର ସୁଦୀର୍ଘ ନଦୀ 'ଋଷିକୁଲ୍ୟା' ନିଜର ସମସ୍ତ ଅସ୍ତିତ୍ୱ ହରାଇ ଏହି ଗଞ୍ଜାମ ଅଞ୍ଚଳ ନିକଟରେ ମିଶିଯାଇଛି । ପୁଣ୍ୟତୋୟା ଋଷିକୁଲ୍ୟା ଓ ବଙ୍ଗୋପସାଗର ଏକ ସଙ୍ଗରେ ପଦଧୌତ କରୁଥିବା ଐତିହାସିକ ସହର ହେଉଛି ଏହି ଗଞ୍ଜାମ ।

ଏ ପରିପ୍ରେକ୍ଷୀରେ କହିରଖେ ଏହି ଐତିହ୍ୟ ସମ୍ପନ୍ନ ଗଂଜାମ ସହର ଉତ୍କଳୀୟ ଆରାଧନା ପରମ୍ପରାର ଅକ୍ଷତ ସ୍ମାରକୀକୁ ବହନ କରିଥାଏ । ଏଠାକାର ସଂସ୍କୃତି ଶୈବ, ଶାକ୍ତ ଓ ବୈଷ୍ଣବ ଆଦି ସର୍ବଧର୍ମରେ ପରିପୁଷ୍ଟ ହୋଇଛି । ଏପରିକି ଏହି ସହରକୁ ମନ୍ଦିରମାଳିନୀ ସହର ରୂପେ ବିବେଚନା କଲେ ଅତ୍ୟୁକ୍ତି ହେବନାହିଁ । କାରଣ ଏହି ଅଞ୍ଚଳରେ ବହୁ ଦେବଦେବୀ ମନ୍ଦିର ପ୍ରାଚୀନ କାଳରୁ ହିଁ ପ୍ରତିଷ୍ଠା ଲାଭ କରିଛି । କିମ୍ବଦନ୍ତୀ କହେ ମହାପ୍ରଭୁ ଶ୍ରୀଚୈତନ୍ୟ ଏହି ଅଞ୍ଚଳରେ ହରିନାମ କୀର୍ତ୍ତନ କରି ପୁନର୍ବାର ପ୍ରତ୍ୟାଗମନ କରିଥିଲେ । ସେହି ସ୍ମୃତିର ସ୍ମାରକୀ ସ୍ୱରୂପ ଆଜି ଏଠାରେ ଚୈତନ୍ୟ ମଠ ଶୋଭା ପାଉଛି । ଠିକ୍ ସେହିପରି ଏଠାରେ ଅବସ୍ଥାପିତ ଦୁର୍ଗାଦେବୀ ମନ୍ଦିର ଶାକ୍ତ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିଥାଏ । କିମ୍ବଦନ୍ତୀ କହେ ସମୁଦ୍ରରେ ଭାସମାନ ମୂର୍ତ୍ତି ଏଠାରେ ଦୁର୍ଗାଦେବୀ ରୂପେ ପୂଜା ପାଇ ଆସୁଛି । ଗଞ୍ଜାମ ଐତିହ୍ୟର ଅନ୍ୟତମ ସ୍ମାରକୀ ଭାବରେ ଗଦାଧର ସାମନ୍ତରାୟଙ୍କ ଦ୍ୱାରା ନିର୍ମିତ ଶ୍ରୀ ଶ୍ରୀ ମଦନମୋହନ ଗୋପାଳ ସ୍ୱାମୀଙ୍କ ମନ୍ଦିର ଓ ଏହାର ସମ୍ମୁଖ ଭାଗରେ ଶୋଭାପାଉଥିବା ସୁବିଶାଳ ବର୍ଗାକାର ଆକୃତିର ପ୍ରସ୍ତର ପାବଛ ପରିବେଷ୍ଟିତ ପୁଷ୍କରିଣୀ ବେଶ୍ ସ୍ମରଣୀୟ । ଏହି ପୁଷ୍କରିଣୀରେ ହିଁ ଅନୁଷ୍ଠିତ ହୋଇଥାଏ ଗଞ୍ଜାମର ପ୍ରସିଦ୍ଧ ଶ୍ରୀ ଶ୍ରୀ ଗୋପାଳସ୍ୱାମୀଙ୍କ ଚନ୍ଦନଯାତ୍ରା । ଶୁଣାଯାଏ ସାମନ୍ତରା ସାହି ନିବାସୀ ସୁପ୍ରସିଦ୍ଧ ସାମନ୍ତରା ବଂଶର ଆଧ୍ୟାତ୍ମବାଦୀ ପୁରୁଷ ସ୍ୱର୍ଗତଃ ଗଦାଧର ସାମନ୍ତରାୟ ସୁଦୂର ବୃନ୍ଦାବନରୁ ଶ୍ରୀ ଶ୍ରୀ ମଦନମୋହନ ଗୋପାଳ ସ୍ୱାମୀଙ୍କ ବିଗ୍ରହକୁ ଆପଣାର ମସ୍ତକରେ ବହନ କରି ଦୀର୍ଘପଥ ଅତିକ୍ରମ କରି ଆସିବା ସହ ଏହି ପୁଷ୍କରିଣୀର ପଶ୍ଚିମ ପାର୍ଶ୍ୱରେ ମନ୍ଦିର ସ୍ଥାପନା କରିଥିଲେ । ତତ୍‌ସହିତ ପ୍ରଚଳନ କରିଥିଲେ ଐତିହାସିକ ଦୋଳ ଓ ଚନ୍ଦନଯାତ୍ରା । ଏଠାରେ କହିରଖେ ଅତୀତରେ ଶ୍ରୀଶ୍ରୀ ମଦନମୋହନ ଗୋପାଳସ୍ୱାମୀଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ସମୟକ୍ରମେ ପ୍ରତ୍ୟେକ ସାହିରେ ଗୋଟିଏ ଗୋଟିଏ ରାଧାକୃଷ୍ଣ ମନ୍ଦିର ନିର୍ମାଣ ନିମନ୍ତେ ସାହିବାସୀଙ୍କୁ ଉତ୍ସାହିତ କରିଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ ଏହି ଐତିହାସିକ ସମୃଦ୍ଧଶାଳୀ ଗଞ୍ଜାମ ଅଞ୍ଚଳବାସୀଙ୍କ ଆଧ୍ୟାତ୍ମିକ ଇତିବୃତ୍ତକୁ ବହନ କରିଆସିଥିବା ଏହି ଚନ୍ଦନଯାତ୍ରା ପ୍ରତି ଦ୍ୱାଦଶ ବର୍ଷରେ ଅନ୍ୟୁନ ଥରକ ପାଇଁ ଅନୁଷ୍ଠିତ ହେବା ଆବଶ୍ୟକ । ଯଦି କୌଣସି ଘଟଣାକ୍ରମରେ ଏହି ଯାତ୍ରା ଯଦି ଦ୍ୱାଦଶ ବର୍ଷ ମଧ୍ୟରେ ଅନୁଷ୍ଠିତ ହୋଇ ନପାରେ ତେବେ ଆଗାମୀ ବାରବର୍ଷ ପର୍ଯ୍ୟନ୍ତ ଏହା ପାଳନ କରାଯାଇ ପାରିବ ନାହିଁ । କିନ୍ତୁ ଏଭଳି କୌଣସି ଅଘଟଣ କେବେ ଘଟିନାହିଁ । ବରଂ ଏହି ବାରବର୍ଷର ସମୟ ସୀମା ମଧ୍ୟରେ ଦୁଇରୁ ତିନିଥର ମଧ୍ୟ ଯାତ୍ରା ଅନୁଷ୍ଠିତ ହେବାର ଦେଖାଯାଇଛି । ପବିତ୍ର ଶ୍ରୀରାମ ନବମୀ ଅବସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଏ । ଏକ ଦୀର୍ଘ ବାଉଁଶକୁ ଚିତ୍ରିତ କରି ସ୍ୱତନ୍ତ୍ର ପୂଜା ସହ ସ୍ଥାପିତ କରାଯାଇଥାଏ । କିନ୍ତୁ ଯାତ୍ରା ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ଆରମ୍ଭ ହୋଇ ପ୍ରଥମ ଦିନରେ ଶ୍ରୀଶ୍ରୀ ମଦନମୋହନ ଗୋପାଳ-ସ୍ୱାମୀଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୁଏ । ଏହି ପରିକ୍ରମାରେ ଶ୍ରୀଶ୍ରୀ ଗୋପାଳ-ସ୍ୱାମୀ ସମଗ୍ର ନଗର ପରିବର୍ତ୍ତେ ଅର୍ଦ୍ଧାଂଶ ପରିକ୍ରମା କରି ଫେରିଆସନ୍ତି । ଏହି ପରିକ୍ରମା ମଧ୍ୟରେ ଥାଏ ସାମନ୍ତରା ସାହି, ମଧ୍ୟଖଣ୍ଡ ସାହି, ଦୁର୍ଗାଦେବୀ ସାହି, ଚୌଧୁରୀ ସାହି, ପଣ୍ଡା ସାହି ସମେତ କରଣ ସାହି । କାରଣ ଏହି ପ୍ରସିଦ୍ଧ ଚନ୍ଦନଯାତ୍ରା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥାଏ । ଦୀର୍ଘ ଏକୋଇଶି ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଯାତ୍ରାର ପ୍ରଥମ ପର୍ଯ୍ୟାୟ ପ୍ରଥମ ଦିବସରୁ ଚତୁର୍ଦ୍ଦଶ ଦିବସ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚଦଶ ଦିବସ ଠାରୁ ଏକବିଂଶ ଦିବସ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ତେଣୁ ଶ୍ରୀ ଶ୍ରୀ ମଦନମୋହନ ଗୋପାଳସ୍ୱାମୀଙ୍କ ନଗର ପରିକ୍ରମାର ଅବଶିଷ୍ଟାଂଶ ଦ୍ୱିତୀୟ ପର୍ଯ୍ୟାୟ ପ୍ରାରମ୍ଭରେ ଅନୁଷ୍ଠିତ ହୁଏ । ଏହି ପରିକ୍ରମା ମଧ୍ୟରେ ରାଉଳ ସାହି, ବ୍ରାହ୍ମଣ ଡାମଣା ସାହି, ଓଡ଼ିଆ ଡାମଣା ସାହି, ସାନବଜାର, ନୂଆସାହି ଆଦି ଥାଏ । ଛତ୍ରୀ, ତୋରଣ, ଆଲଟ, ଚାମର, ପଙ୍ଖା, ରଙ୍ଗବେରଙ୍ଗ ପତାକା ଆଦି ସହ ଘଣ୍ଟ, ଘଣ୍ଟା, ଶଙ୍ଖ ଧ୍ୱନିର ସଂକୀର୍ତ୍ତନରେ ଠାକୁର ନଗର ପରିକ୍ରମା କରିଥାନ୍ତି । ତା'ପରେ ରଙ୍ଗବେରଙ୍ଗ ବସ୍ତ୍ରରେ ପରିଶୋଭିତ ତଥା ବିଦ୍ୟୁତ୍ ଆଲୋକରେ ବିଭୂଷିତ ବିମାନାକୃତି ଚାପ ଉପରେ ନୌକାବିହାର ନିମନ୍ତେ ବିରାଜମାନ କରନ୍ତି ।



ଏ ଅବସରରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଅବଦାନକୁ ସ୍ମରଣ କରାଯାଇପାରେ । କାରଣ ଏହି ଗ୍ରାମର କୈବର୍ତ୍ତ ଭକ୍ତବୃନ୍ଦ ଶ୍ରୀ ଶ୍ରୀ ମଦନମୋହନ ଗୋପାଳସ୍ୱାମୀଙ୍କ ଚନ୍ଦନଯାତ୍ରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଦୀର୍ଘ ଏକୋଇଶି ଦିନର ଏହି ଯାତ୍ରା କାଳରେ ସେମାନଙ୍କର ଡଙ୍ଗାଗୁଡ଼ିକ ଠାକୁରଙ୍କ ଚାପ ପ୍ରସ୍ତୁତି ପାଇଁ ବ୍ୟବହାର କରାଯିବା ସହ ସେମାନେ ନାଉରିଆର ଗୁରୁ ଦାୟିତ୍ୱ ମଧ୍ୟ ବହନ କରିଥାନ୍ତି ।

ଶ୍ରୀ ଶ୍ରୀ ମଦନମୋହନ ଗୋପାଳସ୍ୱାମୀଙ୍କ ନୌକାବିହାର ନିମନ୍ତେ ପ୍ରସ୍ତୁତ ଚାପ ବୈଦିକ ପଦ୍ଧତି ଅନୁଯାୟୀ ତିନୋଟି ଡଙ୍ଗାକୁ ଏକତ୍ର କରାଯାଇ ପ୍ରସ୍ତୁତ କରାଯାଇଥାଏ । ପ୍ରସ୍ତୁତ ଏହି ଚାପଗୁଡ଼ିକର ମଧ୍ୟ ସ୍ୱତନ୍ତ୍ର ମାପ ଦେଖିବାକୁ ମିଳେ । ଠାକୁର ଚାପ ୧୫ଫୁଟ ଦୈର୍ଘ୍ୟ ଓ ପ୍ରସ୍ଥ ବିଶିଷ୍ଟ ବର୍ଗାକାର ଆକୃତିର ହୋଇଥିବା ସ୍ଥଳେ ନିଆଳି ଚାପ ୧୨ ଫୁଟ ଦୈର୍ଘ୍ୟ ପ୍ରସ୍ଥ ବିଶିଷ୍ଟ ବର୍ଗାକାର ହୋଇଥାଏ । ନିଆଳି ଚାପରେ କେବଳ ନାଉରିଆ ଭାଇମାନେ ଠାକୁର ଚାପର ଆଗେ ଆଗେ ଭଜନ କୀର୍ତ୍ତନ କରିଥାନ୍ତି । କିନ୍ତୁ ଠାକୁର ଚାପ ବିମାନ ଆକୃତିରେ ବିଶ୍ୱକର୍ମା ଦ୍ୱାରା ତିଆରି କରାଯିବା ସହ ବିଭିନ୍ନ ରଙ୍ଗବେରଙ୍ଗ ସିଲ୍‌କ ବସ୍ତ୍ର, ରଙ୍ଗୀନ କାଗଜ ଓ ବିଦ୍ୟୁତ୍ ଆଲୋକରେ ସଜାଯାଇଥାଏ । ଏ ଅବସରରେ କହିରଖେ ଏହି ଚାପ ପ୍ରସ୍ତୁତ ପୂର୍ବରୁ ନୌକାଗୁଡ଼ିକୁ ଋଷିକୁଲ୍ୟା ନଦୀରୁ ପୁଷ୍କରିଣୀ ପର୍ଯ୍ୟନ୍ତ ଆଣିବା ଦୃଶ୍ୟ ମଧ୍ୟ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥାଏ । ପ୍ରଥମେ ନଦୀକୂଳରେ ଗଙ୍ଗାଦେବୀଙ୍କ ସ୍ୱତନ୍ତ୍ର ପୂଜା କରାଯାଇ; ତତ୍‌ପରେ ଘଣ୍ଟ, ଘଣ୍ଟା, କାହାଳୀ ଓ ମୃଦଙ୍ଗର ତାଳେ ତାଳେ ନୌକାଗୁଡ଼ିକୁ ଶଗଡ଼ ମାଧ୍ୟମରେ ଗୋପାଳସ୍ୱାମୀଙ୍କ ଜୟଜୟ ଧ୍ୱନିରେ ପୁଷ୍କରିଣୀ ନିକଟକୁ ଅଣାଯାଇଥାଏ । ଏହି ନୌକା ଆଣିବା ପର୍ବ ବୈଶାଖ କୃଷ୍ଣ ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଥାଏ । ଏହି ଦିନଠାରୁ ବୈଶାଖ ଶୁକ୍ଳ ଦ୍ୱିତୀୟା ପର୍ଯ୍ୟନ୍ତ ଚାପ ନିର୍ମାଣ କାର୍ଯ୍ୟ କରାଯାଇ, ଅକ୍ଷୟ ତୃତୀୟ ତିଥିରେ ଚାପ ପ୍ରତିଷ୍ଠା ପରେ ଠାକୁର ବିଜେ କରିଥାନ୍ତି । ଅକ୍ଷୟ ତୃତୀୟା ଅର୍ଥାତ୍ ଏହି ଯାତ୍ରାର ପ୍ରଥମ ଦିବସ ଠାରୁ ଚତୁର୍ଦ୍ଦଶ ଦିବସ ପର୍ଯ୍ୟନ୍ତ ଶ୍ରୀଶ୍ରୀ ମଦନମୋହନ ଗୋପାଳସ୍ୱାମୀ ସନ୍ଧ୍ୟାକାଳୀନ ଚାପରେ ତିନି ଘେରା ଓ ରାତ୍ରୀକାଳୀନ ଚାପରେ ମଧ୍ୟ ତିନିଘେରା ପୁଷ୍କରିଣୀ ପରିକ୍ରମା କରିଥାନ୍ତି । ଏହି ପରିକ୍ରମା ବେଳେ, ଠାକୁରଙ୍କ ଶ୍ରୀଛାମୁରେ ଗିନି ମୃଦଙ୍ଗର ତାଳେ ତାଳେ ନାମ ସଂକୀର୍ତ୍ତନ ତଥା ଭଜନ ଜଣାଣ ଅନବରତ ଚାଲୁ ରହିବା ସହ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ହରିବୋଲ, ହୁଳହୁଳି ଓ ଜୟଧ୍ୱନି ସହ ଭକ୍ତବୃନ୍ଦଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଥାଏ । ଏହି ପରିକ୍ରମା ବେଳେ ଠାକୁରଙ୍କ ଚାପରେ ଶଙ୍ଖ କାହାଳୀ ବାଜି ଉଠିବା ସଂଗେ ସଂଗେ ଦୁଇଟି ଛାମୁ ଦିହୁଡ଼ି ଠାକୁରଙ୍କ ସମ୍ମୁଖସ୍ଥ ଦୁଇପାର୍ଶ୍ୱରେ ବାରିକ ଭକ୍ତଙ୍କ ଦ୍ୱାରା ଅନବରତ ଜଳୁଥାଏ । ସନ୍ଧ୍ୟାକାଳୀନ ତଥା ପ୍ରଥମ ଚାପର ତିନିଘେରା ନୌକାବିହାର ପରେ ଠାକୁରଙ୍କୁ ଚନ୍ଦନକୁଣ୍ଡରେ ସ୍ନାନ କରାଯାଏ । ଦୁଇଜଣ ଭକ୍ତ ରାଉଳଙ୍କ ଦ୍ୱାରା ଘୋରା ଯାଇଥିବା ଚନ୍ଦନରେ ସ୍ନାନ ଅବସରରେ ଶ୍ରୀ ଶ୍ରୀ ଗୋପାଳସ୍ୱାମୀଙ୍କ ଆଳତୀ କରାଯାଇଥାଏ । ତତ୍‌ପରେ ଠାକୁରଙ୍କୁ ବେଶ କରାଯାଇ ମୂଳ ମନ୍ଦିରର ରତ୍ନ ସିଂହାସନରେ ବିଜେ କରାଯାଏ । ଏହାସହ ପୁନର୍ବାର ଆଳତୀ ଓ ବାଳଭୋଗ କରାଯାଇଥାଏ । ପୁନଶ୍ଚ ରାତ୍ରୀ ପ୍ରାୟ ଦଶଟା ବେଳେ ପୁନର୍ବାର ରାତ୍ରୀକାଳୀନ ଚାପ ଅର୍ଥାତ୍ ଦ୍ୱିତୀୟ ଚାପରେ ଠାକୁରଙ୍କୁ ବିଜେ କରାଯାଏ । ସନ୍ଧ୍ୟାଚାପ ଭଳି ସମସ୍ତ ବିଧିବିଧାନ ପ୍ରକାରେ ତିନିଘେରା ନୌକାବିହାର କରାଯାଇ ପୁନଶ୍ଚ ଠାକୁରଙ୍କୁ ରତ୍ନ ସିଂହାସନରେ ବିଜେ କରାଯାଏ । ପୁଣି ଆଳତୀ ସହ ପହଡ଼ ପଡ଼େ । ଏହି ପ୍ରକ୍ରିୟା ପ୍ରଥମ ଦିବସ ଅର୍ଥାତ୍ ଅକ୍ଷୟ ତୃତୀୟ ଠାରୁ ଚତୁର୍ଦ୍ଦଶ ଦିବସ ପର୍ଯ୍ୟନ୍ତ ମହାଆଡ଼ମ୍ବରରେ ଚାଲେ ।

ଏ ପରିପ୍ରେକ୍ଷୀରେ କହିରଖେ ଏହି ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଭଉଁରୀ ଯାତ୍ରା ଆରମ୍ଭ ହୁଏ ପଞ୍ଚଦଶ ଦିବସଠାରୁ । ଏହା ଏକବିଂଶ ଦିବସ ପର୍ଯ୍ୟନ୍ତ ଅର୍ଥାତ୍ ଯାତ୍ରାର ଶେଷ ଦିନ ପର୍ଯ୍ୟନ୍ତ ଚାଲୁରହେ । ଏହି ପର୍ଯ୍ୟାୟରେ ସନ୍ଧ୍ୟାକାଳୀନ ଚାପରେ ଠାକୁର ସାତଘେରା ଏବଂ ପୁଷ୍କରିଣୀର ପ୍ରତିକୋଣରେ ଭଉଁରୀ ଖେଳି ନୌକାବିହାର କରିଥାନ୍ତି । ଠିକ୍ ସେହିପରି ରାତ୍ରୀକାଳୀନ ଚାପରେ ମଧ୍ୟ ସାତଘେରା ଏବଂ ପ୍ରତି ଘେରାରେ ଚାରିକୋଣ ଭଉଁରୀ ହିସାବରେ ମୋଟ ଅଠେଇଶି ଭଉଁରୀ ଅନୁଷ୍ଠିତ ହୋଇଥାଏ । ଏଭଳି ଭାବେ ନୌକାବିହାର ଚନ୍ଦନ ଯାତ୍ରାର ଏକବିଂଶ ଦିବସ ଅର୍ଥାତ୍ ଶେଷ ଦିବସର ସନ୍ଧ୍ୟାକାଳୀନ ଚାପ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । କିନ୍ତୁ ଶେଷ ଦିବସର ରାତ୍ରୀକାଳୀନ ଚାପରେ ଏକୋଇଶି ଘେରା ଏବଂ ଚଉରାଅଶୀ ଭଉଁରୀ ଅନୁଷ୍ଠିତ ହୋଇଥାଏ । ଏହି ପ୍ରକ୍ରିୟା ଶେଷ ହେବା ବେଳକୁ ପରବର୍ତ୍ତୀ ଦିବସର ଅପରାହ୍ଣ ହୋଇଯାଇଥାଏ । ଏହାପରେ ଠାକୁର ମନ୍ଦିର ରତ୍ନସିଂହାସନରେ ବିଜେ କରନ୍ତି । ଏହି ଅନ୍ତିମ ସାତଦିନର ଆଉ ଏକ ବିଶେଷ ଆକର୍ଷଣ ଠାକୁରଙ୍କ ବିଭିନ୍ନ ବେଶ । କାଳୀୟ ଦଳନ, ବସ୍ତ୍ରହରଣ, ବକାସୁର ବଧ, ନାବକେଳୀ, କାଟରା ବେଶ, ଗଜଉଦ୍ଧାରଣ ସହ ଅନ୍ତିମ ଦିନରେ ଅନନ୍ତ ଶୟନ ବେଶରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଥାନ୍ତି ।

ଗଞ୍ଜାମ ସହରର ଏହି ପ୍ରସିଦ୍ଧ ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ବେଶ୍ ମନୋହର ହେବା ସହ ସମଗ୍ର ସହରକୁ ଆଧ୍ୟାତ୍ମିକ ବାତାବରଣ ଘେରି ରହିଥାଏ । ଉକ୍ତ ଦିବସରେ ଶ୍ରୀ ଶ୍ରୀ



ଗୋପାଳସ୍ୱାମୀ ଅପରାହ୍ଣରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭକ୍ତମାନଙ୍କ ଗହଣରେ ଶ୍ରୀ ଶ୍ରୀ ପୁରୁଣା ଜଗନ୍ନାଥଙ୍କ ବିଜୟ ପ୍ରତିମା ମଦନମୋହନଙ୍କୁ ଅନ୍ୟ ଏକ ସ୍ୱତନ୍ତ୍ର ବିମାନରେ ନିମନ୍ତ୍ରଣ କରି ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ହରିବୋଲ, ହୁଳହୁଳି ଜୟଜୟକାର ଧ୍ୱନିରେ ଶହ ଶହ ଭକ୍ତଙ୍କ ସହ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚାଘର ନିକଟରେ ପହଞ୍ଚନ୍ତି । ଅପର ପାର୍ଶ୍ୱରେ ଠିକ୍ ସେହିପରି ସୁସଜ୍ଜିତ ବୃଷଭ ସହ ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ଖଣ୍ଡେଶ୍ୱର ମହାପ୍ରଭୁ ଆସିଥାନ୍ତି । ଏଠାରେ ଅପୂର୍ବ, ମିଳନ ଘଟେ । ହରି ଓ ହର ଭେଟ ହୁଅନ୍ତି । ସତେ ଯେପରି ମନେହୁଏ ଗଞ୍ଜାମ ସହରର ଗୋଟିଏ ପାର୍ଶ୍ୱ ବୈକୁଣ୍ଠ ଓ ଅପରପାର୍ଶ୍ୱ କୈଳାସ । ଏହି ମିଳନ ପର୍ବର ଅନ୍ୟ ଏକ ଆକର୍ଷଣ ହେଲା ବାଟବରଣ । ଠାକୁରଙ୍କ ବାଟବରଣ ପରେ ମିଳନ ହୁଏ । ଏହାପରେ ତିନି ଠାକୁରଙ୍କୁ ମିଳିତ ଭୋଗ ଓ ଆଳତୀ କରାଯାଇଥାଏ । ତତ୍‌ପରେ ତିନିଠାକୁର ଗୋଟିଏ ଧାଡ଼ିରେ ଆସି ଠାକୁର ଚାପରେ ଶ୍ରୀ ଶ୍ରୀ ଗୋପାଳସ୍ୱାମୀଙ୍କ ଯୁଗଳ ମୂର୍ତ୍ତି ଓ ମଦନମୋହନ ସ୍ୱାମୀ ବିଜେ ହୁଅନ୍ତି ଏବଂ ନିଆଳି ଚାପରେ ଶ୍ରୀଶ୍ରୀ ଖଣ୍ଡେଶ୍ୱର ମହାପ୍ରଭୁ ବିଜେ ହେବାପରେ ଶେଷ ଦିବସର ଯାତ୍ରା ଆରମ୍ଭ ହୋଇଥାଏ । ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ପୁଇଁତୋଳା ଗ୍ରାମନିବାସୀ ଖଣ୍ଡେଶ୍ୱର ମହାପ୍ରଭୁଙ୍କ ଦାୟିତ୍ୱ ବହନ କରିଥାନ୍ତି । ଏହି ଦିବସରେ ପୁଇଁତୋଳା ବାସୀଙ୍କୁ ଠାକୁରଙ୍କ ସ୍ୱତନ୍ତ୍ର ଭୋଗ ପାଲୁଅ ଓ ଉଖୁଡ଼ା ପ୍ରଦାନ କରାଯାଇଥାଏ । ଏପରିକି ଠାକୁରଙ୍କ ଏହି ଚନ୍ଦନ ଯାତ୍ରା କାଳରେ ଚାପ ଚଳାଉଥିବା ନାଉରିଆ ଭକ୍ତଙ୍କ ସହ ସାମୂହିକ ଭାବେ ଠାକୁରଙ୍କ ବିମାନ ବୁହାଳିମାନଙ୍କ ପାଇଁ ରାତ୍ରୀକାଳରେ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଥାଏ । ଏପରିକି ଏହି ଯାତ୍ରାର ଅନ୍ତିମ ସାତଦିନ ମଧ୍ୟରୁ କୌଣସି ଗୋଟିଏ ଦିନ ପଣ୍ଡା ସାହି ନିବାସୀମାନେ ମଧ୍ୟ ପଂକ୍ତିଭୋଗର ଆୟୋଜନ କରୁଥିବା ଦେଖିବାକୁ ମିଳେ ।

ଏହାସହ କରଣ ସାହି ନିବାସୀ ମଧ୍ୟ କାୟମନୋବାକ୍ୟରେ ଯାତ୍ରା ନିମନ୍ତେ ସହଯୋଗ କରିଥାନ୍ତି । ସେମାନଙ୍କ ସାହିର କିଛି ପରିବାର ବଂଶାନୁକ୍ରମେ ଏହି ଯାତ୍ରା ଅବସରରେ ଠାକୁରଙ୍କ ବିଭିନ୍ନ ସେବା ଯୋଗାଇ ଆସିଛନ୍ତି । ଚନ୍ଦନ ସେବା ଠାରୁ ଆରମ୍ଭ କରି ଦିହୁଡ଼ି ସେବା ଆଦିର ଖର୍ଚ୍ଚ ବହନ କରିଆସିଥାନ୍ତି । ଏପରିକି କରଣ ସାହି ନିବାସୀ ନିଜ ନିଜ ଭିତରେ ଚାନ୍ଦା ସଂଗ୍ରହ କରି ତାଙ୍କ ସାହି ଅର୍ଥାତ୍ ପୁଷ୍କରିଣୀ ପାର୍ଶ୍ୱରେ ନୃତ୍ୟ ସଂଗୀତର ବ୍ୟବସ୍ଥା କରିଥାନ୍ତି । ଏହା ସହ ମନ୍ଦିର ପରିଚାଳନା କମିଟି ଦ୍ୱାରା ପୁଷ୍କରିଣୀର ଅପର ଦୁଇପାର୍ଶ୍ୱରେ ଲୋକନୃତ୍ୟର ବ୍ୟବସ୍ଥା କରାଯାଇଥାଏ । ବିଶେଷତଃ କୃଷ୍ଣଲୀଳା, ରାଧାପ୍ରେମଲୀଳା, ପ୍ରହଲ୍ଲାଦ ନାଟକ ଓ ଲକ୍ଷ୍ମୀପୁରାଣ ଆଦି ଅନୁଷ୍ଠିତ ହୋଇଥାଏ ।

ପରିଶେଷରେ କହିରଖେ ଏହି ଐତିହ୍ୟସମ୍ପନ୍ନ ଚନ୍ଦନ ଯାତ୍ରାର ଗୁରୁଦାୟିତ୍ୱ ସାମନ୍ତରା ସାହି ନିବାସୀ ବହନ କରିବା ସହ ଏହି ଯାତ୍ରାର ଆନୁସଙ୍ଗିକ ଖର୍ଚ୍ଚର ଭୀମଭାଗ ବହନ କରିଥାନ୍ତି । ତତ୍ ସଂଗେ ସଂଗେ ଗଞ୍ଜାମ ସହରର ସମସ୍ତ ସାହି ନିବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ଏହି ଯାତ୍ରା ମହାଆଡ଼ମ୍ବରରେ ପାଳନ ହେବା ସହ ଏହି ଯାତ୍ରା ଆପଣାର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ପ୍ରତିଷ୍ଠା କରିପାରିଛି ।

**ଡକ୍ଟର ମନୋରଞ୍ଜନ ବିଷୋୟୀ**
*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭*

# ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ଆବଶ୍ୟକ

*—ସାରସ୍ୱତ ପ୍ରତିଭାଧାରୀଙ୍କୁ ସୀମାନ୍ତ ପ୍ରହରୀ ସମ୍ମାନ—*



ଭୁବନେଶ୍ୱର (ପିଏନ୍): ଓଡ଼ିଶା ନାଗରିକ ମହାମଞ୍ଚ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ବିଚ୍ଛିନ୍ନାଞ୍ଚଳ ଦିବସ ପାଳନ ସହିତ ଅଖଣ୍ଡ ଓଡ଼ିଶା ଗଠନର ରଣହୁଙ୍କାର ପ୍ରଦାନ ସହ ବିଚ୍ଛିନ୍ନାଞ୍ଚଳକୁ ପୁନର୍ବାର ଓଡ଼ିଶାରେ ସାମିଲ କରିବାପାଇଁ ଏକ ବ୍ୟାପକ ଜନଆନ୍ଦୋଳନ ଆବଶ୍ୟକ ବୋଲି ମତବ୍ୟକ୍ତ କରାଯିବା ସହ ସୀମାନ୍ତ ପ୍ରହରୀ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯିବା ସହ ବରିଷ୍ଠ ସାମ୍ବାଦିକ ତଥା ମହାମଞ୍ଚର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ସମ୍ବାଦ' ସମ୍ପାଦକ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଜ୍ଞାଦୀପ୍ତ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବର୍ଷିଆନ୍ ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀ, ପୂର୍ବତନ ଜିଲ୍ଲାପାଳ ତଥା କୋଟିଆ ଆନ୍ଦୋଳନର ଆବାହକ ଗଦାଧର ପରିଡ଼ା, ସାରସ୍ୱତ ପ୍ରତିଭା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିଚ୍ଛିନ୍ନାଞ୍ଚଳରେ ସମଗ୍ର ଓଡ଼ିଆମାନେ ଏକାଠି ହେବା ସହିତ ସରକାରଙ୍କ ଉପରେ ଚାପ ପକାଇ ପାରିଲେ ପୁନର୍ବାର ଆମେ ଆମର ସୀମା ଅଞ୍ଚଳ ଫେରି ପାଇବା ବୋଲି ମତବ୍ୟକ୍ତ କରାଯାଇଥିଲା। ଶ୍ରୀଯୁକ୍ତ ଶତପଥୀ ଓ ମୁଖ୍ୟଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ ମତବ୍ୟକ୍ତ କରି କହିଲେ ଯେ, ସରକାରଙ୍କ ଉପରେ ବ୍ୟାପକ ଚାପ ପକାଇବା ସହିତ ଆମ ମାତୃଭାଷାର ପ୍ରଚାର ପ୍ରସାର ତଥା ଜଣେଜଣେ ସ୍ୱେଚ୍ଛାସେବୀ ସଂଗଠକ ଉକ୍ତ ଅଞ୍ଚଳରେ ନିଯୁକ୍ତି ହୋଇ ନିଷ୍ଠାପର ଓ ଐକ୍ୟବଦ୍ଧ ଭାବେ କାର୍ଯ୍ୟ କରିଲେ ନିଶ୍ଚିତ ଭାବେ ଆମେ ଆମର ପୂର୍ବ ଗୌରବ ଓ ସଫଳତା ଫେରି ପାଇପାରିବା, ସୁପ୍ତ ଓଡ଼ିଆଙ୍କୁ ଜାଗ୍ରତ କରାଇବା ପାଇଁ ଦୁର୍ବାର ଆନ୍ଦୋଳନ ଆବଶ୍ୟକ ସହ ମା', ମାଟି, ମାତୃଭାଷା ପାଇଁ ସମର୍ପଣ ଭାବ ଏକାନ୍ତ ଜରୁରୀ। ମେଦିନପୁର, ଖରସୁଆଁ, ଚାଇଁବସା, ଚକ୍ରଧରପୁର ପ୍ରମୁଖ ଅଞ୍ଚଳରେ ବ୍ୟାପକ ଭାବେ ମାତୃଭାଷାର ପ୍ରଚାର ପ୍ରସାର ପାଇଁ ଅଙ୍ଗୀକାରବଦ୍ଧତା ସମସ୍ତଙ୍କର ରହିବା ଆବଶ୍ୟକ। ଏହି ଅବସରରେ ଛତିଶଗଡ଼, ପଶ୍ଚିମବଙ୍ଗ ତଥା ସୀମାନ୍ତ ଅଞ୍ଚଳରୁ ଆସିଥିବା ସାରସ୍ୱତ ପ୍ରତିଭାଧାରୀ କ୍ଷମାସାଗର ଭୋଇ, ଗଦାଧର ପରିଡ଼ା, ବିଜୟ ପରିଡ଼ା, ଅଶୋକ ଦାସ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ସୀତାବଲ୍ଲଭ ମହାପାତ୍ର, ଗଦାଧର ସ୍ୱାଇଁ, ସୁମତୀ ପ୍ରଧାନ, ଜୟଶଙ୍କର ଭୋଇ, ଜଗଦୀଶ ବକ୍ସିପାତ୍ର, ଦୟାନନ୍ଦ ଖାଡ଼ଙ୍ଗା, ନିହାହର ରଞ୍ଜନ ପଲେଇ, ବି. ମୁରଲୀଧରଙ୍କୁ 'ସୀମାନ୍ତ ପ୍ରହରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭୃଗୁ ବକ୍ସିପାତ୍ର, ଅଶୋକ ଦଳସିଂହରାୟଙ୍କ ସହିତ ବହୁ ସାରସ୍ୱତ ପ୍ରତିଭା ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରମୁଖ ପରିଚାଳନା ସଂଯୋଜକ ନାରାୟଣ ଓଝା, ସମିତା ମହାନ୍ତି, ରୋହିତ କୁମାର, ସୀତାଂଶୁ ଶେଖର ମହାରଣା, ରାଜ୍ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିଜୟ ପରିଡ଼ା ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ନଦୀ ସୁରକ୍ଷା ସଂକ୍ରାନ୍ତୀୟ ଜାତୀୟ ସମ୍ମିଳନୀ

ଫୁଲନଖରା (ପିଏନ୍)-ନଦୀ ସୁରକ୍ଷା ସଂକ୍ରାନ୍ତ ଏକ ଜାତୀୟ ସମ୍ମିଳନୀ କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ସଭାଗୃହରେ ଗତ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ଜଳପୁରୁଷ ଡଃ ରାଜେନ୍ଦ୍ର ସିଂହ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ସମୟରେ ଅନ୍ୟାନ୍ୟ ସମସ୍ୟା ପରି ନଦୀ ସମସ୍ୟାକୁ ପ୍ରମୁଖ ପ୍ରସଙ୍ଗ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହିତ ନଦୀକୁ ଏକ ଜୀବନ୍ତ ସତ୍ତା ଭାବେ ବିବେଚନା କରିବା ଉଚିତ ବୋଲି ବର୍ଣ୍ଣନା କରିଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଇଂ.ରମେଶଚନ୍ଦ୍ର ତ୍ରିପାଠୀ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତି ଅଧ୍ୟକ୍ଷ ଅଶ୍ୱିନୀ ମହାପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ରହି ନଦୀ ବଞ୍ଚିଲେ ଆମେ ବଞ୍ଚିବା ଏବଂ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଭିବୃଦ୍ଧି ପାଇଁ ନଦୀ ସୁରକ୍ଷାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହଂସନାଥ ସାହୁ, ଆଇନଜୀବୀ କବିନାରାୟଣ ଜେନା, ଅଧ୍ୟାପକ ଚିନ୍ମୟ ଦାସ, ବିଷ୍ଣୁପ୍ରିୟା ସ୍ୱାଇଁ, ଗଦାଧର ପ୍ରଧାନ, ସୁବୋଧ ପ୍ରଧାନ, ଅକ୍ଷୟ ଜେନା, ନରେନ୍ଦ୍ର ଚୋକ, ବାସୁଦେବ ଭଟ୍ଟ ପ୍ରମୁଖ ଶତାଧିକ ରାଜ୍ୟ ଓ ରାଜ୍ୟ ବାହାର ନଦୀ ସୁରକ୍ଷା ଆନ୍ଦୋଳନ କର୍ମୀମାନେ ଯୋଗଦେଇ ନିଜ ନିଜ ଅଞ୍ଚଳର ନଦୀ ସମସ୍ୟା ବାବଦରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଡଃ.ବିନାୟକ ରଥଙ୍କଦ୍ୱାରା ଲିଖିତ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏକ ପଦଯାତ୍ରୀ ଦଳ କଟକରୁ ବାହାରି ଛତିଶଗଡ଼ର କଲମା ପର୍ଯ୍ୟନ୍ତ ଯିବେ ବୋଲି ସ୍ଥିର ହୋଇଛି। ବିଜୟ ପ୍ରଧାନ, ପ୍ରସନ୍ନ ବିଷୋଇ, ଉମାକାନ୍ତ କର, ଅନୁପ ସାସମଲ, କଳ୍ପତରୁ ଖୁଣ୍ଟିଆ, ପ୍ରଭାସିନୀ ରାଉତ ଓ ଦିଲୀପ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ କୈଳାସଚନ୍ଦ୍ର ପାତ୍ର, ଅରୁଣ ସାହୁ, ବିପିନ ବେହେରା, ଚନ୍ଦ୍ରମଣି ପ୍ରଧାନ ଓ କୈଳାସଚନ୍ଦ୍ର ସାହୁ ଏଥିରେ ସହଯୋଗ କରିଥିଲେ।

# ପୃଥିବୀ ଜଳୁଛି, ସୁରକ୍ଷା ଲୋଡୁଛି




ଭୁବନେଶ୍ୱର (ପିଏନ୍): ବିଶ୍ୱ ଧରିତ୍ରୀ ଦିବସରେ ଧରିତ୍ରୀ ମାଆଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ୍ ୨୨ ତାରିଖଟିକୁ ବିଶ୍ୱ ଧରିତ୍ରୀ ଦିବସ ରୂପେ ପାଳିତ ହୋଇଥାଏ। ସଂପ୍ରତି ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ଓ ମଣିଷର ଅମାନୁଷିକ କାର୍ଯ୍ୟକଳାପ ଯୋଗୁଁ ଜୈବ ବିବିଧତା ବିପର୍ଯ୍ୟସ୍ତ। ସର୍ବୋପରି ମଣିଷର ସ୍ୱେଚ୍ଛାଚାରୀ କାର୍ଯ୍ୟକଳାପ ଯୋଗୁଁ ଧରିତ୍ରୀ ମାଆର ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ସଙ୍କଟ ଆଣିଦେଇଛି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟନଗରୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ପୃଥିବୀ ଜଳୁଛି, ସୁରକ୍ଷା ଲୋଡୁଛି ଉପରେ ଆଧାରିତ ଚିତ୍ର ଆଙ୍କି ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବା ପାଇଁ ପ୍ରୟାସ କରିବା ସହ ପୃଥିବୀର ସୁରକ୍ଷା ପାଇଁ ଇଂରାଜୀ ଭାଷାରେ 'ସେଭ୍ ଦି ଆର୍ଥ'ର ଏକ ସ୍ଲୋଗାନକୁ ସ୍ଥାନିତ କରି ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି।

ଶ୍ରୀ ସାହୁ ଏ ସମ୍ପର୍କରେ କୁହନ୍ତି ଆଜି ଆମେ ବିକାଶ ଓ ବିନାଶର ଦୋଛକିରେ ପହଞ୍ଚିଗଲୁଣି। ବିଶ୍ୱତାପନକୁ ଆମେ ଇଂରାଜୀ ଭାଷାରେ ଗ୍ଲୋବାଲ୍ ୱାର୍ମିଂ ବୋଲି କହୁଛେ। ବର୍ତ୍ତମାନ ମେରୁ, ତରୁ, ମରୁ ସବୁ ତତଲା। ଦେଖିବାକୁ ଗଲେ ଗୋଟିଏ ପଟେ ମେରୁ ତରଳିବାରେ ଲାଗିଛି। ଅନ୍ୟପଟେ ସମୁଦ୍ରର ଜଳପତନ ବଢ଼ିଚାଲିଛି। ଆଉ କିଛିବର୍ଷ ପରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ଅନେକ ଜନବସତି ଯାହା ଏବେଠୁ ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ସାରିଲେଣି। ମରୁଭୂମି ପାଲଟିଯିବ ଶସ୍ୟ, ଶ୍ୟାମଳାପୂର୍ଣ୍ଣ ଧରିତ୍ରୀ, ଶୁଖିଯିବ ଭୂତଳଜଳ। ଶୁଦ୍ଧ ବାୟୁ ଓ ଶୁଦ୍ଧ ପାନୀୟ ଜଳ ମିଳିବନି। ସର୍ବଗ୍ରାସୀ କରାଳ ଗ୍ରାସରେ ଆମେ ବିଲୀନ ହୋଇଯିବା ସୁନିଶ୍ଚିତ ହୋଇପଡ଼ିଲାଣି। ଏଣୁ ଧରିତ୍ରୀ ମାଆର ସୁରକ୍ଷା ପାଇଁ ପ୍ରତିଟି ସନ୍ତାନ ଏବେଠାରୁ ତା'ର ସେବା ଓ ସୁରକ୍ଷାରେ ନିଜକୁ ସମର୍ପିତ କରନ୍ତୁ ବୋଲି ସୁଶାନ୍ତ ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।




## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

# ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୂଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୂରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।



**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।
ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)

# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚ଼ିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।
ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ଼ିଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।

**୪ .ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।
ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ୍ର କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।
୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା
୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା
୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




## ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ବୁଧବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ରାଜ୍ୟର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ସପ୍ତମ ବେତନ ପ୍ରଦାନ ନାମରେ ଯେଉଁ ନୂତନ ଅନୁଦାନ ନୀତି -୨୦୨୧ ପ୍ରଣୟନ କରାଗଲା ଏବଂ ତାକୁ ଲାଗୁ କରାଯିବା ପାଇଁ ଗତ ୧୩.୦୫.୨୨ରିଖରେ ଯେଉଁ ମୋଡାଲିଟି ବା ପଦ୍ଧତି ନିର୍ଦ୍ଧାରଣ କରାଗଲା ତାହା ଓଡିଶାର ୫୦ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ହତାଶ ଓ ନିରାଶ କରିଛି। ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାଇ ନୂତନ ବେତନ ନିର୍ଦ୍ଧାରଣ ନିମନ୍ତେ ଥିବା ସ୍ୱଷ୍ଟ ନୀତି (ବେସିକ୍ ପେ ରେ ଗ୍ରେଡ ପେ କୁ ମିଶାଇ ତାର ୨.୫୭ଗୁଣ)କୁ ଏଥିରେ ବାଦ ଦେଇ ସଂପୂର୍ଣ୍ଣ ଭିନ୍ନ ଏବଂ ଅବାସ୍ତବ (ବେସିକ ପେ ସହିତ ୧୪୨ପ୍ରତିଶତ ଡିଏ ମିଶାଇ) ଅବଲମ୍ବନରେ ଦରମା ନିର୍ଦ୍ଧାରଣ ପଦ୍ଧତିକୁ ଗ୍ରହଣ କରାଯାଇଛି। ଏହା ରାଜ୍ୟର ହଜାର ହଜାର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଆର୍ଥିକ ଭାବରେ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କ ସ୍ୱାଭିମାନ ଓ ପଦମର୍ଯ୍ୟାଦାକୁ ବ୍ୟାହତ କରିବ ବୋଲି ସଙ୍ଘ କହିଛି। ୨୦୧୭ ଅନୁଦାନ ଆଇନ୍‌ରେ ପର୍ଯ୍ୟବେଶିତ ବାର୍ଷିକ ଦରମା ବୃଦ୍ଧି ଯାହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସର୍ବୋଚ୍ଚ ଅଦାଲତରେ ଆଫିଡେଭିଟ କରି ଦାଖଲ କରିଛନ୍ତି ତାହାର ମଧ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ସଙ୍ଘ କହିଛି। ୨୦୧୭ ଅନୁଦାନ ଆଇନକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦେଶ୍ୟରେ ଉତ୍ସର୍ଗ କଲାବେଳେ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ପରିବର୍ତ୍ତନ କରାଯାଇ ଅନୁଦାନ ଆଇନ ପୁନଃ ପ୍ରଚଳନ କରାଗଲା ବୋଲି ଘୋଷଣା କରିଥିଲେ। ୧.୧.୨୨ରିଖରୁ ସିଧାସଳଖ ଭାବେ ସପ୍ତମ ବେତନ ନଦେଇ ୧.୧.୨୦୧୮ରିଖରୁ ୧.୧.୨୦୨୨ ପର୍ଯ୍ୟନ୍ତ ନୋସନାଲ ଭାବେ ପ୍ରଦାନ କରି ଉଦେଶ୍ୟମୂଳକ ଭାବେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ନାର୍ଯ୍ୟ ବେତନରୁ ବଞ୍ଚିତ କରାଯାଇଛି ବୋଲି ସଙ୍ଘ ଅଭିଯୋଗ କରିଛି। ଷଷ୍ଠ ବେତନରେ ୬୦ ପ୍ରତିଶତ, ୭୫ପ୍ରତିଶତ ପାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଅନୁପାତ ଭିତ୍ତିକ ଭାବେ ସପ୍ତମ ବେତନ ପ୍ରଦାନର ବ୍ୟବସ୍ଥା, ଯେଉଁ ବିଦ୍ୟାଳୟ ଗୁଡିକ ୧.୧.୨୨ରିଖରେ ଶତ ପ୍ରତିଶତ ଅନୁଦାନ ନିମନ୍ତେ ଯୋଗ୍ୟ ବିବେଚିତ ହେଲେ ସେମାନଙ୍କୁ ସପ୍ତମ ବେତନରେ ଅନ୍ତର୍ଭୁକ୍ତ କରିବା ଏବଂ ସମସ୍ତ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ନିର୍ଦ୍ଧାରଣର ସର୍ବନିମ୍ନ ଗ୍ରେଡ ପେ ୧୭୦୦ଟଙ୍କା ପ୍ରଦାନ ପ୍ରଭୃତି ଅନେକ କଥା ସରକାର ବିଚାରକୁ ନେଇନଥିବାରୁ ଏହା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ସଙ୍ଘ କହିଛି। ତେଣୁ ସରକାର ଏସମସ୍ତ ବିଷୟ ଗୁଡିକ ସହୃଦୟତାର ସହ ବିଚାର କରି ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଅବିକଳ ସପ୍ତମ ବେତନ ପ୍ରଦାନ କରିବାକୁ ସଙ୍ଘ ଦାବି କରିଛି। ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଜିଲ୍ଲା ଓଷ୍ଟାର ସମ୍ପାଦକ ନିର୍ମଳ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ଉପସଭାପତି ଅଶୋକ କୁମାର ପରିଡା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସରୋଜିନୀ ସ୍ୱାଇଁ, ମାର୍ଶାଘାଇ ବ୍ଲକ ସମ୍ପାଦକ ଭଗବାନ ସାହୁ, ଶିକ୍ଷକ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ, ଭାସ୍କର ନାୟକ, ପ୍ରିୟରଞ୍ଜନ ବିଶ୍ୱାଳ, ମିନତୀ ସ୍ୱାଇଁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ପ୍ରଖ୍ୟାତ ସାହିତ୍ୟିକା ବୀଣାପାଣି ମହାନ୍ତିଙ୍କ ବିୟୋଗରେ ଶୋକ

ଖୋର୍ଦ୍ଧା (ପିଏନ୍): ପ୍ରଥିତଯଶା ସାହିତ୍ୟିକା, ପ୍ରାଧ୍ୟାପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କର ସାହିତ୍ୟକୃତୀ ସଂପର୍କରେ ଗାଳ୍ପିକ ଡ. ସୁରେଶ ଛୋଟରାୟ, କବି ଜ୍ଞାନରଂଜନ ଦାଶ, ଗୋବିନ୍ଦ ଚନ୍ଦ୍ର ମହାରଣା, ଇତିଶ୍ରୀ ସାହୁ, ଜ୍ୟୋତିପ୍ରଭା ପଟ୍ଟନାୟକ, ଡ. ଚପଳା ପଣ୍ଡା, ରାଜକିଶୋର ବଳିଆରସିଂହ, ସମରେନ୍ଦ୍ର ବଳିଆରସିଂହ, ନାରାୟଣ ଦାସ, ବିଳାସିନୀ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ, ପାଟଦେଇ, ବସ୍ତ୍ରହରଣ, ଆରୋହଣ ଭଳି ଗଳ୍ପ ସଂକଳନ; ସୀତାର ଶୋଷିତ, ମନସ୍ୱିନୀ, କୁନ୍ତୀ କୁନ୍ତଳା ଶକୁନ୍ତଳା ଭଳି ଉପନ୍ୟାସ; କବିତା ସଂକଳନ ଆସିବାର ବେଳା; କ୍ରାନ୍ତି, ପ୍ରେମଚାନ୍ଦ, ଗୋଲଡେନ୍ କି’ ଭଳି ଉପନ୍ୟାସ ରଚନା କରି ସ୍ୱର୍ଗତା ମହାନ୍ତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ବୋଲି ବକ୍ତାମାନେ ମତ ଦେଇଥଲେ। ୨୦୧୦ ମସିହା ଏପ୍ରିଲ ୧୪ ତାରିଖ ଖୋର୍ଦ୍ଧା ବିଷୁବ ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀଣାପାଣି ମହାନ୍ତି ଯୋଗଦେଇ ଖୋର୍ଦ୍ଧା ଅଂଚଳର ଭାଷା, ସାହିତ୍ୟ ଓ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ। ମଣିଷର ମର୍ମ ବେଦନାକୁ ସେ ତିଳେ ତିଳେ ଅନୁଭବ କରି ତଦନୁଯାୟୀ ଲେଖନୀ ଚାଳନା କରିଥିଲେ। ଓଡ଼ିଆ ସାହିତ୍ୟ ଆକାଶରେ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ ମତ ଦେଇଥିଲେ।

## ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ




ବାଲେଶ୍ୱର (ପିଏନ୍)- ବାଲେଶ୍ୱରର ଉତ୍କଳ ଗୌରବ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ ସମାରୋହ ଏବଂ ପରିଷଦର ବାର୍ଷିକ ଉତ୍ସବ ୨୦୨୨ ବାଲେଶ୍ୱର କଚେରୀ ସ୍ଥିତ ସଦଭାବନା ସଭାଗୃହରେ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଆଇନଜିବୀ ଶ୍ରୀଯୁକ୍ତ ଧରଣୀ ଧର ନାୟକ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଐର ଖାରବେଳ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ସ୍ୱରୁପ କୁମାର ଦାସ ମଧୁବାବୁଙ୍କ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସଂପାଦକ ବରିଷ୍ଠ ଆଇନଜିବୀ ପୁରୁଷୋତମ ବିଶ୍ୱାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ଅମୃତାଂଶୁ ପଟ୍ଟନାୟକ ବେଦ ପାଠ ଓ ସଙ୍ଗୀତ ଗାନ କରିଥିଲେ। ମଞ୍ଚ ଆବାହନ କରିଥିଲେ ତୁଷାରକାନ୍ତି ମହାପାତ୍ର ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଜ୍ଞାପରମିତା ବିଶ୍ୱାଳ। ଏଥିରେ ଡାକ୍ତର ଶ୍ରୀକାନ୍ତ ମହାନ୍ତି, ବିଶ୍ୱମୋହନ ଦାସ ଓ ଅରୁଣ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରଯାଇ ମାନପତ୍ର ପ୍ରଦାନ କରଯାଇଥିଲା। ମାନପତ୍ର ପାଠ କରିଥିଲେ ଅଖିଳ କୁମାର ଦାସ, ଭାବଗ୍ରାହୀ ମହାନ୍ତି, ଦେବେନ୍ଦ୍ରନାଥ ଦଳ, ସମରେନ୍ଦ୍ର ଦାସ ଓ ଧନ୍ୟବାଦ ଅର୍ପଣ କରିଥିଲେ ସୂର୍ଯ୍ୟକାନ୍ତ କର। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରଣିତା ମିଶ୍ର, ପ୍ରମୋଦ ପଣ୍ଡା, ବିନୋଦ ନାୟକ ସୁଭେନ୍ଦୁ ଦାସ, ରୋଜି ପଟ୍ଟନାୟକ, ସତ୍ୟପ୍ରିୟ ମହାନ୍ତି, ଅରୁଣା ରାୟ, ଶ୍ୟାମସୁନ୍ଦର ଜେନା ଓ କ୍ଷୀତେଶ୍ୱର ଦାସ ପ୍ରମୁଖ ସଦସ୍ୟ ସଦସ୍ୟା ମାନେ।

## ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର

ଚଣ୍ଡିଖୋଲ (ପି.ଏନ.)- ବଡ଼ଚଣା ବ୍ଲକ ଶାଳପଡା ପଂଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି.ପଶ୍ଚିମ ବଡ଼ଚଣା ଅଞ୍ଚଳର ଶାଳପଡା ପଂଚାୟତ ଏକ ଆଦିବାସୀ ଅନୁନ୍ୟତ ଅଞ୍ଚଳ ହେଇଥିବାରୁ ବିଶେଷକରି ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ବହୁ ଦୂରରେ ଥିବା ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାନ୍ତି। ଏହାକୁ ଆଖିଆଗରେ ରଖି ଡାକ୍ତର କୃଷ୍ଣଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ କଟକ ବଡ ମେଡିକାଲର ଶଲ୍ୟବିଶେଷଜ୍ଞ ଡାକ୍ତର କୈଳାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ୮୪ ଜଣ ମହିଳାଙ୍କ ରକ୍ତ ଶର୍କରା ପରୀକ୍ଷା କରିବାସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ.ବହୁମୁତ୍ର ରୋଗହେଲେ ରୋଗକୁ କିପରି ନିୟନ୍ତ୍ରଣରେ ରଖାଯାଇପାରିବ ସେ ବିଷୟରେ ଶିବିରରେ ପରାମର୍ଶ ଦିଆଯାଇଥିଲା.ଅତି ଗୁରୁତର ରୋଗୀମାନେ କଟକ ବଡମେଡିକାଲ ଯାଇ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ମାଗଣା ସୁବିଧାର ଲାଭ ଉଠାଇବାକୁ ଡାକ୍ତର ମହାପାତ୍ର ପରାମର୍ଶ ଦେଇଥିଲେ.ଏଥିରେ ପଂଚାୟତର ସରପଂଚ ନମିତା ରାଉତ, ଗ୍ରାମର ମୁରବୀ ସୁଲଭ ଚରଣ ନାୟକ, ଗୋକୁଳାନନ୍ଦ ଶତପଥି, ବସନ୍ତ କୁମାର ରାଉତ,ଲେଥେକା ସରପଂଚ ଓମପ୍ରକାଶ ଦାସ, ଗଣେଶ୍ୱର ପାତ୍ର, ଗନ୍ଧର୍ବ ପାତ୍ର ,କୈଳାଶଚନ୍ଦ୍ର ନାୟକ, ମଦନ ମୋହନ ସେଠ ପ୍ରମୁଖ ଶିବିରରେ ସହଯୋଗ କରିଥିଲେ। ପ୍ରତିମାସରେ ଥରେ ଡାକ୍ତର ମହାପାତ୍ର ଶାଳପଡ଼ାକୁ ଆସି ରୋଗୀମାନଙ୍କୁ ଦେଖିବା ପାଇଁ ଶିବିରରେ ଘୋଷଣା କରିଥିଲେ।

## ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା’ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା’ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଚି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା’ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା’ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା’ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା’ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

## ଓଡ଼ିଶା ସୀମା ଦେଇ ଯାଇଥିବା ରେଳଷ୍ଟେସନଗୁଡ଼ିକର ନାମକରଣ ଓଡ଼ିଆରେ ହେବାପାଇଁ ଦାବି

ବାଲେଶ୍ୱର (ପିଏନ୍)-ଓଡ଼ିଶାର ସୀମା ତଥା ଛତିସ୍‌ଗଡ଼, ବିହାର, ପଶ୍ଚିମବଙ୍ଗଠାରୁ ଆରମ୍ଭ କରି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ପର୍ଯ୍ୟନ୍ତ ଲମ୍ବିଥିବା ରେଳପଥରେ ଥିବା ଓଡ଼ିଆ ଭାଷା ଅଞ୍ଚଳର ଷ୍ଟେସନଗୁଡ଼ିକର ନାମକରଣ ଓଡ଼ିଆରେ ହେଉ ବୋଲି ଦାବି ହୋଇଆସୁଛି। ଏ ଦିଗରେ ବର୍ତ୍ତମାନର ରେଳମନ୍ତ୍ରୀ ତଥା ଓଡ଼ିଶା ବିଧାନସଭାରୁ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି ବୋଲି ଉତ୍କଳ ସମ୍ମିଳନୀର ଅଧକ୍ଷ ଡ଼. ଅଦ୍ୱୈତ କୁମାର ପାତ୍ର ପ୍ରକାଶ କରିଛନ୍ତି। ଡ଼. ପାତ୍ର ବାଲେଶ୍ୱର ଠାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ଅବସରରେ ଏ କଥା ପ୍ରକାଶ କରିଛନ୍ତି। ବାଲେଶ୍ୱରର ସାମ୍ବାଦିକ ଓ ବୁଦ୍ଧିଜୀବୀ ଉକ୍ତ ବୈଠକରେ ଉପସ୍ଥିତ ରହି ଏହାକୁ ସମର୍ଥନ ଜଣାଇବା ସହିତ ମଧୁସୂଦନଙ୍କ ୧୭୫ତମ ଜୟନ୍ତୀ ଦିନ ଏକ ସ୍ମାରକ ପତ୍ର ପ୍ରଦାନ ପାଇଁ ମଧ ପ୍ରସ୍ତାବ ନିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ସଭାପତି ବୈଦ୍ୟନାଥ ଷଡଙ୍ଗୀ, ସଂପାଦକ କାଳୀପଦ ପଣ୍ଡା, ସଂଗଠନ ସଂପାଦକ ଉତ୍ପଳ ମହାନ୍ତି, ଯୁଗ୍ମ ସଂପାଦିକା ଗୋପାମୁଦ୍ରା ମହାପାତ୍ର, ସଦସ୍ୟା ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ସଦସ୍ୟ ଦିନବନ୍ଧୁ ଲେଙ୍କା, ସତ୍ୟପ୍ରିୟ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ସୁଧାକର ସେଠୀ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ ଓ ବିବିଧ କାର୍ଯ୍ୟକ୍ରମ କରାଯିବା ପାଇଁ ମଧ ପ୍ରସ୍ତାବ ନିଆଯିବା ସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଓଡ଼ିଆ ଭାଷା ସୁରକ୍ଷାର ଅନ୍ୟତମ ସେନାପତି ଫକୀରମୋହନଙ୍କର ପୂର୍ଣ୍ଣ ଅବୟବ ପ୍ରତି ଭକ୍ତି ସ୍ଥାପନା ପାଇଁ ଦାବି ହେଉଛି। ଗଡ଼ଗଡ଼ିଆ ଘାଟରେ ରାଧାନାଥଙ୍କ ପ୍ରତିମୂର୍ତ୍ତି ପାଖରେ ମଧୁସୂଦନ ଓ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ ଦାବି ହୋଇଛି।

## ଦଳୀୟ ସମର୍ଥକଙ୍କୁ ବିଧାୟକଙ୍କ ମାଡ଼ ଓ ଗାଳି ଅଭିଯୋଗ

ବାଲେଶ୍ୱର (ପିଏନ୍)-ବିଜେଡ଼ିର ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା। ବାଲେଶ୍ୱର ସଦର ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀଙ୍କୁ ସଦର ବିଧାୟକ ଓ ତାଙ୍କ କର୍ମୀମାନେ ଗାଳିଗୁଲଜ କରିବା ସହିତ ଧମକାଇଥିବା ପ୍ରତିବାଦରେ ସମ୍ପୃକ୍ତ ପଞ୍ଚାୟତର ଶତାଧିକ ବିଜେଡ଼ି ସମର୍ଥକଙ୍କ ପକ୍ଷରୁ ବିଜେଡ଼ି ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନାଙ୍କ ଜରିଆରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ମାସ ୨୨ ତାରିଖରେ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ବୈଠକ ସରିବା ପରେ ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀ ବିଧାୟକଙ୍କୁ ଜୁଣଗଡ଼ିଆ ପାନୀୟ ଜଳ ପ୍ରକଳ୍ପକୁ ଉଦ୍ଘାଟନ କରିବା ପାଇଁ ନିମନ୍ତ୍ରଣ କରିଥିଲେ। ମାତ୍ର ଦଳବିରୋଧି ଲୋକଙ୍କ କାର୍ଯ୍ୟକ୍ରମକୁ ଯିବେ ନାହିଁ କିମ୍ବା ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଦେବିନାହିଁ ବୋଲି ସେ କହିଥିଲେ। ବିଧାୟକଙ୍କ ଏଭଳି ଅସନ୍ତୋଷଜନକ ଉତ୍ତରରେ ପାଣିଗ୍ରାହୀ କହିଥିଲେ ଆପଣଙ୍କୁ ଆମ୍ଭେମାନେ ଉପନିର୍ବାଚନରେ ଭୋଟ ଦେଇ ଜିତାଇଥିଲୁ ଆପଣ ଏମିତି କାହିକି କହୁଛନ୍ତି। ତୁମେ ଦଳବିରୋଧି ଲୋକ, ତୁମ ସହିତ ମୋର କୌଣସି ସମ୍ପର୍କ ନାହିଁ ବୋଲି ବିଧାୟକ ଦାସ ନିଜ ପ୍ରତିକ୍ରିୟାରେ କହି ବ୍ଲକ ପରିସରରୁ ବାହାରିଯାଇଥିଲେ। ତେବେ ବିଧାୟକଙ୍କ ଯିବାପରେ ତାଙ୍କର ୨ ଜଣ ସହଯୋଗୀ ସତ୍ୟନାରାୟଣ ଦାସ ଓ ଚିଣ୍ଟୁ ବ୍ଲକ ନିକଟକୁ ଯାଇ ପାଣିଗ୍ରାହୀଙ୍କୁ ଗାଳିଗୁଲଜ କରିଥିଲେ। ଜୋର ଜବର୍ଦସ୍ତ ବାଇକରେ ବସାଇ ବିଧାୟକଙ୍କ ଘରକୁ ନେଇ ସେଠାରେ ବିଧାୟକଙ୍କ ଉପସ୍ଥିତିରେ ତାଙ୍କ ସହଯୋଗୀମାନେ ପାଣିଗ୍ରାହୀଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଓଡ଼ଙ୍ଗୀ ପଞ୍ଚାୟତ ବିଜେଡ଼ି ସମର୍ଥକଙ୍କ ଅଭିଯୋଗକୁ ସଦର ବିଧାୟକ ଖଣ୍ଡନ କରିଛନ୍ତି ଏବଂ ଏହା ମିଥ୍ୟା ବୋଲି କହିଛନ୍ତି।

## ଆନନ୍ଦପୁର ଅବକାରୀ ବିଭାଗର ଚଢାଉ, ୨ ଗିରଫ

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାମ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉରେ ୫୬ଲିଟର ମହୁଲି ମଦ ସହିତ ୬୦୦ କେ.ଜି. ମହୁଲି ପୋଚ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି । ଅବକାରୀ ନୀରିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତ, ଉପନୀରିକ୍ଷକ ନରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଆନନ୍ଦପୁର ଥାନା ଅନ୍ତର୍ଗତ ରାଇପାଳ, କଣ୍ଟିପାଳ, ଶାଳବଣି ପ୍ରଭୃତି ଗ୍ରାମର ବିଭିନ୍ନ ସ୍ଥାନରେ ଚୋରାମଦ ବିକ୍ରୀ ଆଡ୍ଡା ଉପରେ ଚଢାଉ କରିଥିଲେ । ଚଢାଉ ବେଳେ ମଦ ପ୍ରସ୍ତୁତି ପାଇଁ ରଖିଥିବା ଅନେକ ସରାମ ଓ ଚୋରା ମହୁଲି ମଦ ଜବତ ସହ ଏହି କାରବାରରେ ସମ୍ପୃକ୍ତ ଥିବା ରାଇପାଳ ଗ୍ରାମର ଭୀମ ହୋ ଓ ରାମ ହୋଙ୍କୁ ଗିରଫ କରି ମାମଲା ରୁଜୁ କରାଯାଇଥିଲା । ଏହି ଚଢାଉରେ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷ୍ମଣ ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସାମିଲ ଥିଲେ ।

## ପ୍ରକାଶ ପାଇଲା କୋଣାର୍କର ମନୋଜ ଦାସ ବିଶେଷାଙ୍କ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ମାଟିରେ ଜନ୍ମିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପ୍ରଖ୍ୟାତ କଥାକାର ପଦ୍ମଭୂଷଣ ମନୋଜ ଦାସଙ୍କ ଜୀବନ ଓ କୃତି ଆଧାରିତ କୋଣାର୍କର ବିଶେଷ ସଂଖ୍ୟା ମନୋଜ ଦାସ ବିଶେଷାଙ୍କ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶ ପାଇଛି। କରୋନା ମହାମାରୀ ମଧ୍ୟରେ ସାଧକ ମନୋଜ ଦାସଙ୍କ ପରଲୋକ ଗମନ ଘଟିଥିବାରୁ ତାଙ୍କର ଶେଷକୃତ୍ୟ ପଣ୍ଡିଚେରୀ ସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା ବେଳେ ରାଜ୍ୟ ସରକାର ଏଇ ମହାନ ଓଡ଼ିଆ ଲେଖକଙ୍କ ପୁଣ୍ୟସ୍ମୃତିରେ ତାଙ୍କର ଜନ୍ମପୀଠ ଭୋଗରାଇ ଶଙ୍ଖାରୀ ଗ୍ରାମ ସ୍ଥିତ ବାସଭବନକୁ ସ୍ମାରକୀସ୍ଥଳ ଘୋଷଣା କରିଥିବା ବେଳେ ସାହିତ୍ୟ ଏକାଡ଼େମୀ ତାର ମୁଖପତ୍ର କୋଣାର୍କର ୨୦୩ତମ ସଂଖ୍ୟାକୁ ମନୋଜ ଦାସ ବିଶେଷାଙ୍କ ରୂପେ ପ୍ରକାଶ କରିଛନ୍ତି। ଏଥିରେ ଓଡ଼ିଶାର ୩୬ ଜଣ ଗବେଷକ ଓ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ କାଳଜୟୀ ସୃଷ୍ଟିର ସମୀକ୍ଷା ସହ ତାଙ୍କ ସହ ବିତାଇଥିବା ଘଟଣାକୁ ନିଜ ନିଜର ଆଲେଖ୍ୟରେ ପ୍ରକାଶ କରାଇଛନ୍ତି। ମନୋଜ ଦାସଙ୍କ ସମ୍ପର୍କରେ ଅଧିକ ଜାଣିବା ନିମନ୍ତେ ଜିଜ୍ଞାସୁ ପାଠକ, ଛାତ୍ରଛାତ୍ରୀ ଓ ଗବେଷକଙ୍କ ପକ୍ଷରେ ଏହା ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି। ଆଗ୍ରହୀ ମନୋଜପ୍ରେମୀ ପାଠକଙ୍କ ପାଇଁ ଏହାକୁ ସଂଗ୍ରହ କରିବା ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ସହ ବାଲେଶ୍ୱର ଜିଲ୍ଲାର ଆଗ୍ରହୀ ପାଠକ ମାନେ ସାହିତ୍ୟ ଏକାଡ଼େମୀର ସଦସ୍ୟ କାଳୀପଦ ପଣ୍ଡାଙ୍କ ବାଲେଶ୍ୱର ସହରସ୍ଥ ନେଳିଆବାଗ ବାସଭବନ ଠିକଣାରେ ଯୋଗାଯୋଗ କରିବାକୁ ଶ୍ରୀ ପଣ୍ଡା ଅନୁରୋଧ ଜଣାଇଛନ୍ତି।

## ବାଙ୍କୀ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଶିବିର ଅନୁଷ୍ଠିତ



ବାଙ୍କୀ (ପିଏନ୍)- ବାଙ୍କୀ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ବୈଦ୍ୟେଶ୍ୱର ଉପସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବୈଦ୍ୟେଶ୍ୱର ପ୍ରାଥମିକ ବିଦ୍ୟାଳୟ ଠାରେ ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ଆଜାଦିକି ଅମୃତ ମହୋତ୍ସବ ଅବସରରେ ଏକ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟମେଳାକୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସଂଜୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ସ୍ଥାନୀୟ ସରପଞ୍ଚ ସୁରଞ୍ଜନ ପଣ୍ଡା, ସମିତି ସଭ୍ୟ ମହେଶ୍ୱର ମହାପାତ୍ର, ଶିକ୍ଷାବିତ୍ କାଳନ୍ଦୀ ସାହୁ, ରୋଗୀକଲ୍ୟାଣ ସମିତି ସଦସ୍ୟ ଅନନ୍ତ ଦାସ, ପ୍ରମୁଖ ଯୋଗଦେଇଥିବା ବେଳେ ଉକ୍ତ ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ବିଭାଗ ଯଥା ହୃଦରୋଗ, ଭେଷଜ ତଥା ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୭୪୮ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଏଥିନେଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟମେଳାକୁ ସ୍ୱାସ୍ଥ୍ୟକେନ୍ଦ୍ରର ବି.ପି.ଏମ୍. ସଂଗୀତା ଦାଶ, ସଂପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ, ସୁପରଭାଇଜର ମାନଭଞ୍ଜନ ଦଳେଇ, ଫାର୍ମାଶିଷ୍ଟ ସନ୍ତୋଷ ସାହୁ, ଡାଟା ମ୍ୟାନେଜର ଆଶିଷ ବିଭୂତି ରାୟ ଏହାକୁ ପରିଚାଳନା କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବିଜୁଳିକାଟ ଓ ଦର ବୃଦ୍ଧି ବିରୁଦ୍ଧରେ ସିପିଆଇ ର ବିକ୍ଷୋଭ

କେନ୍ଦ୍ରାପଡ଼ା, (ପି.ଏନ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିଜୁଳିକାଟ ଓ ବିଦ୍ୟୁତ୍ ଦର ବୃଦ୍ଧି ବିରୋଧରେ ସିପିଆଇ ର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସୋହାନା ବେଗମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଜିଲ୍ଲା ସଂପାଦକ ରମଣୀ ରଂଜନ ରାଉତରାୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡିଶା ବିଦ୍ୟୁତ୍ ଉତ୍ପାଦନରେ ବଳକା ରାଜ୍ୟ ହୋଇଥିବା ବେଳେ ଉତ୍ପାଦିତ ବିଦ୍ୟୁତ୍ ଅନ୍ୟ ରାଜ୍ୟ ମାନଙ୍କୁ ବିକ୍ରୟ କରୁଛି । ମାତ୍ର କେନ୍ଦ୍ରାପଡାରେ ଓ ଅନ୍ୟ ସ୍ଥାନ ମାନଙ୍କରେ ଘନଘନ ବିଜୁଳି କାଟ୍ ଓ ବିଦ୍ୟୁତ୍ ଶୁଳ୍କ ଅହେତୁକ ବୃଦ୍ଧି ଜନ ସାଧାରଣଙ୍କୁ ଆର୍ଥିକ କ୍ଷତି ପହଁଚାଉଛି । ବଣ୍ଟନ ଦାୟିତ୍ୱ ଟାଟା କମ୍ପାନୀ ନେବାପରେ ଇଷ୍ଟ ଇଣ୍ଡିଆ କମ୍ପାନୀର ମେରୀ ରାୟ ଶାସନ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ବିଦ୍ୟୁତ ଗ୍ରାହକଙ୍କ ପାଖକୁ ମନଇଚ୍ଛା ବିଲ ନେବା ଓ ଘରେ ଘରେ ଜବରଦସ୍ତି ମିଟର ବଦଳାଇବା ଆଦି ମନ ମୁତାବକ ଟାଟା କମ୍ପାନୀ କରି ଚାଲିଛି । ରାଜ୍ୟ ସରକାରଙ୍କ ସହିତ ଟାଟା ପାୱାର ର ଚୁକ୍ତି ଅନୁଯାଇ ପୂର୍ବରୁ କାହାର କେତେ ବିଲ ବାକି ଅଛି, କମ୍ପାନୀ ତାର ସତ୍ୟପାଠ କଲେକ୍ଟର ମାନଙ୍କ ପାଖରେ ଦାଖଲ କରିବ ଏବଂ ପୂର୍ବ ବକେୟା କିସ୍ତିୱାରୀ ଆଦାୟ ହେବ । ଏହି ଦାବି ଗୁଡିକୁ ନେଇ ମାନ୍ୟବର ଓଡିଶା ଶକ୍ତିମନ୍ତ୍ରୀଙ୍କ ନିକଟକୁ ଜିଲ୍ଲାପାଳଙ୍କ ଜରିଆରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି ।

## କଟକ ଚଣ୍ଡୀ ମନ୍ଦିରର ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,(ପି.ଏନ): କଟକର ଅଧିଷ୍ଠାତ୍ରୀ ଦେବୀ ମା କଟକ ଚଣ୍ଡୀ ପୀଠର ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଅନୁମୋଦନ କରିଛନ୍ତି । ଏଥିପାଇଁ ଖର୍ଚ୍ଚ ହେବ ୭୦ କୋଟି ଟଙ୍କା । ଭକ୍ତ ମାନଙ୍କ ପାଇଁ ବିଭନ୍ନ ସୁବିଧା ସୁଯୋଗ ସହିତ ଏକ ସୁନ୍ଦର ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯିବ । କାମ ଏକ ବର୍ଷରେ ଶେଷ ହେବ । ଓବିସିସି ଦ୍ୱାରା ପ୍ରସ୍ତୁତ ଏହି ଯୋଜନା ଅନୁଯାୟୀ ମନ୍ଦିର ପରିସରକୁ ଅଧିକ ଆକର୍ଷଣୀୟ କରାଯିବ । ମନ୍ଦିର ଚତୁଃପାର୍ଶ୍ୱରେ ପଥର ପାଚେରୀ ନିର୍ମାଣ ସହିତ ଚାରି ଦିଗରେ ଚାରି ଗୋଟି ଦ୍ୱାର ନିର୍ମାଣ କରାଯିବ । ଏହାସହିତ ମନ୍ଦିର ପରିସରରେ ନୂଆ ଜଗମୋହନ, ଯଜ୍ଞ ମଣ୍ଡପ, ଚଣ୍ଡୀପାଠ ମଣ୍ଡପ, ମୁଣ୍ଡନ ମଣ୍ଡପ, ହନୁମାନ ମନ୍ଦିର ଏବଂ ନୂଆ ରୋଷ ଘର ମଧ୍ୟ ନିର୍ମାଣ କରାଯିବ । ମନ୍ଦିର ପରିସରରେ ଖଣ୍ଡାଲାଇଟସ୍ ପଥର ବିଛାଯିବା ସହିତ ଆଲୋକୀକରଣ କରାଯିବ ଏବଂ ସିସିଟିଭି ମଧ୍ୟ ଲଗାଯିବ । ବାଟମଙ୍ଗଳା ମନ୍ଦିର ମଧ୍ୟ ପୁନଃ ନିର୍ମାଣ କରାଯିବ ।ଯାତ୍ରୀମାନେ ଯେପରି ସୁବିଧାରେ ଓ ଶୃଙ୍ଖଳିତ ଭାବରେ ମାଙ୍କ ଦର୍ଶନ କରିପାରିବେ, ସେଥିପାଇଁ ପୋଲିସ କଂଟ୍ରୋଲ ରୁମ୍, କ୍ଲକ୍ ରୁମ୍, ପ୍ରସାଦ ସେବନ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ, ବ୍ୟାଖାନ କେନ୍ଦ୍ର ଆଦି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ ।ଏହାସହିତ ଯାତ୍ରୀମାନଙ୍କ ରହିବା ପାଇଁ ଯାତ୍ରୀ ନିବାସ । ବିସ୍ଥାପିତ ଦୋକାନୀ ମାନଙ୍କ ପାଇଁ ୧୮ଟି ଦୋକାନ, ମନ୍ଦିର ପରିସରରେ ସେବାୟତ ମାନଙ୍କ ପାଇଁ ବିଶ୍ରାମ ଗୃହ, ଅଫିସ ଗୃହ ଆଦି ନିର୍ମାଣ କରାଯିବ । ପାର୍କିଂ ସହିତ ଖୋଲାସ୍ଥାନ ଓ ଲ୍ୟାଣ୍ଡସ୍କେପିଂ ମଧ୍ୟ ବିକାଶ କରାଯିବ ।ଏହି ଯୋଜନାରେ ପାରିପାର୍ଶ୍ୱିକ ଅଂଚଳର ବିକାଶ ସହ ମନ୍ଦିର ନିକଟରେ ଭାରୀଯାନ ନିୟନ୍ତ୍ରଣ, ଯାତ୍ରୀଙ୍କ ପାଇଁ ବିଭିନ୍ନ ମୌଳିକ ସୁବିଧା, ଜଳ ନିଷ୍କାସନ ଆଦି ବିଭିନ୍ନ ସମସ୍ୟାର ସମାଧାନ ସହ କଟକ ଚଣ୍ଡୀ ମନ୍ଦିରକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଛି । ଚଣ୍ଡୀ ମନ୍ଦିରଟି ରାସ୍ତାର ଅତ୍ୟନ୍ତ ନିକଟରେ ଥିବାରୁ ଭାରିଯାନ ଚଳାଚଳ, ଯାତ୍ରୀ ମାନଙ୍କ ନିରାପତା ଉପରେ ବିପଦ ସୃଷ୍ଟି କରୁଛି । ତେଣୁ ଚଣ୍ଡୀ ମନ୍ଦିର ସମ୍ମୁଖ ରାସ୍ତାକୁ ଡାଇଭର୍ଟ କରାଯିବ । ଜଳ ନିଷ୍କାସନକୁ ଦୃଷ୍ଟିର ରଖି ମନ୍ଦିର ଚଟାଣକୁ ଉଚ୍ଚା କରିବା ପାଇଁ ନିଷ୍ପତି ନିଆଯାଇଛି ।କଟକ ସହରର ସାମଗ୍ରିକ ବିକାଶରେ ଚଣ୍ଡୀ ମନ୍ଦିର ର କଥାକଷ୍ଟ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଏ ଦିଗରେ କଟକ ବାସୀଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ । ପୂର୍ତ୍ତ ବିଭାଗ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ଯୋଜନା ବିଷୟରେ ଏକ ପ୍ରେଜେଂଟେସନ୍ କରାଯାଇଥିଲା ।କଟକ ଚଣ୍ଡୀ ମନ୍ଦିର ରାଜ୍ୟର ଏକ ପ୍ରାଚୀନ ଶକ୍ତିପୀଠ । ବର୍ଷ ସାରା ହଜାର ହଜାର ଭକ୍ତ ମାଙ୍କ ଦର୍ଶନ ପାଇଁ ପ୍ରତିଦନ ଏଠାକୁ ଆସିଥାନ୍ତି । ଦୁର୍ଗାପୂଜା ସମୟରେ ମାଙ୍କ ଷୋଡଶ ଦିନାତ୍ମକ ପୂଜାରେ ମାଙ୍କ ବିଭିନ୍ନ ବେଶ ଦେଖିବା ପାଇଁ ଏଠାରେ ପ୍ରବଳ ଜନସମାବେଶ ହୋଇଥାଏ ।ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ

## ଟମାଟୋ ଫ୍ଲୁ ଏକ ଭାଇରାଲ ରୋଗ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, (ପି.ଏନ): ଟମାଟୋ ଫ୍ଲୁ ଏହା ଏକ ଭାଇରାଲ ରୋଗ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର । ଟମାଟୋ ଫ୍ଲୁ ରୋଗ ଏହି ସମୟରେ ହୁଏ । ଏହାର ଲକ୍ଷଣ ହେଉଛି ପିଲା ଖାଇବ ନାହିଁ, ବାନ୍ତି ହେବ, ଦେହ ଯାକ ଫଳିଯିବ,ନାଲି ପଡ଼ିଯିବ,ଜର ହେବ । ଏହି ରୋଗ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଏଭଳି କେତେ କେସ ଅଛି ଜାଣିବା ପାଇଁ ମେଡିକାଲ କଲେଜ ଗୁଡିକୁ ରିପୋର୍ଟ ମଗାଯାଇଥିଲା । ଆରଏମଆରସି ଏହି ଭାଇରଲ ଭାଇରସର ଚିହ୍ନଟ କରିବେ । ନମୁନା ସଂଗ୍ରହ କରାଯାଇ ପଠାଯିବ । ଏହା ହ୍ୟାଣ୍ଡ ମାଉଥ ଫୁଟ ରୋଗ ବୋଲି ସନ୍ଦେହ କରାଯାଉଛି । ଏହି ସନ୍ଦେହକୁ ଦୂର କରିବା ପାଇଁ ନମୁନା ସଂଗ୍ରହ କରି ଆରଏମଆରସିକୁ ପଠାଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଜିଲ୍ଲା ଓ ଶିଶୁ ରୋଗ ବିଶେଷଜ୍ଞମାନଙ୍କ ସହ ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ଜାରି ରହିଛି । ଜିଲ୍ଲା ଚିକିତ୍ସାଳୟଗୁଡ଼ିକୁ ଆକ୍ରାନ୍ତ ଶିଶୁଙ୍କ ନମୁନା ସଂଗ୍ରହ କରି ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

## ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, (ପି.ଏନ): ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଦ୍ୱାରା ଖାଉଟି ମାମଲାର ତ୍ୱରିତ ବିଚାର ଉପଭୋକ୍ତାମାନଙ୍କୁ ପ୍ରକୃତ ନ୍ୟାୟ ପ୍ରଦାନ କରିଥାଏ । ରାଜ୍ୟ ସରକାର ଉପଭୋକ୍ତାମାନଙ୍କର ଅଧିକାର ଓ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରି ଉପଭୋକ୍ତାଙ୍କର ସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ବିଭିନ୍ନ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ଭିତିଭୂମି ଓ ଖାଲିଥିବା ପଦବୀ ପୂରଣ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଗୁରୁବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଦସ୍ୟ ଏବଂ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଭାପତି ଓ ସଦସ୍ୟସଦସ୍ୟାମାନଙ୍କର ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ନୂତନ ଉପଭୋକ୍ତା ନିୟମକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିଲେ ଉପଭୋକ୍ତାମାନଙ୍କର ବ୍ୟବସ୍ଥା ଉପରେ ଆସ୍ଥା ବୃଦ୍ଧି ପାଇବ । ନୂତନ ଉପଭୋକ୍ତା ଆଇନ ପ୍ରଣୟନ ପରେ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଦସ୍ୟ ଓ ନବଗଠିତ ଜିଲ୍ଲା ବିବାଦ ପ୍ରତିକାର ଆୟୋଗଗୁଡ଼ିକର କାର୍ଯ୍ୟକ୍ଷମ ଦିଗରେ ସଭାପତି ଓ ସଦସ୍ୟମାନଙ୍କର ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦେଶରେ ପ୍ରଥମ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ସଂପ୍ରତି ଦେଶରେ ଇ-କମର୍ସ ଓ ଅନ୍‌ଲାଇନ୍ ବ୍ୟବସାୟର ବହୁଳ ପ୍ରଚଳନ ଫଳରେ ଉପୁଜୁଥିବା ନୂତନ ବିବାଦର ସମାଧାନ ନିମନ୍ତେ ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରଣୟନ କରାଯାଇଛି । ଏଥିରେ ବିଭିନ୍ନ ବିବାଦ ପ୍ରତିକାର ଆୟୋଗର ବିଚାର ପରିସରକୁ ଅଧିକ ବ୍ୟାପକ କରାଯାଇଛି । ଉପଭୋକ୍ତାମାନେ ନିଜର ଅଭିଯୋଗକୁ ଅନ୍‌ଲାଇନ୍ ମାଧ୍ୟମରେ ସଂପୃକ୍ତ ଆୟୋଗରେ ଦାଖଲ କରିବାର ବ୍ୟବସ୍ଥା ରହିଛି । ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ନୂତନ ଉପଭୋକ୍ତା ସୁରକ୍ଷା ଆଇନରେ ଯଥେଷ୍ଟ ସୁଯୋଗ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ୫-'ଟି' କାର୍ଯ୍ୟକ୍ରମରେ ଉପଭୋକ୍ତାମାନଙ୍କୁ ସଚେତନ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଖାଉଟି ସଂଗଠନ ଓ ଖାଉଟିକର୍ମୀ ଓ ସଂପୃକ୍ତ ସଂଗଠନଗୁଡ଼ିକର ଡାଟାବେସ୍ କୁ ଡିଜିଟାଇଜ୍ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ରାଜ୍ୟ ଉପଭୋକ୍ତା ପ୍ରତିଷ୍ଠାନକୁ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକ ହ୍ୱାଟସ୍‌ଆପ୍ ଗ୍ରୁପ୍ ଗଠନ କରିବା ପାଇଁ କହିଥିଲେ । ରାଜ୍ୟ ଉପଭୋକ୍ତା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ସଭାପତି ଜଷ୍ଟିସ ଡି.ପି. ଚୌଧୁରୀ କହିଲେ ଯେ ଆୟୋଗର ସମସ୍ତ ରେକର୍ଡକୁ ଡିଜିଟାଇଜ୍ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଇ-ଫାଇଲିଂ ବ୍ୟବସ୍ଥା ସର୍ବପ୍ରଥମେ ରାଜ୍ୟରେ ଆରମ୍ଭ ହୋଇଥିଲା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଦିଲ୍ଲୀସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକୃଷ୍ଣା ଦେବରାଓ କହିଲେ ଗ୍ରାହକମାନଙ୍କର ସ୍ୱାର୍ଥକୁ ପର୍ଯ୍ୟାପ୍ତ ସୁରକ୍ଷା ଦେବା ଲକ୍ଷ୍ୟରେ ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରଣୟନ କରାଯାଇଛି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖାଉଟି କଲ୍ୟାଣ ଉପଦେଷ୍ଟା ପ୍ରଫେସର ବେଜନ ମିଶ୍ର କହିଲେ ନବଗଠିତ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସଭାପତି ଓ ସଦସ୍ୟମାନଙ୍କର ଉପଭୋକ୍ତା ଅଧିକାରର ସୁରକ୍ଷା ଦିଗରେ ଗୁରୁଦାୟିତ୍ୱ ରହିଛି ।ପ୍ରାରମ୍ଭରେ ଖାଉଟି କଲ୍ୟାଣ ନିର୍ଦ୍ଦେଶକ ତଥା ପ୍ରତିଷ୍ଠାନର ଉପସଭାପତି ଜ୍ୟୋତିକୁମାର ଲାକ୍ରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଏବଂ ଶେଷରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରବାଟୀରେ ଶତ ପ୍ରତିଶତ ଦର୍ଶକ କ୍ଷମତାକୁ ଅନୁମତି

ଭୁବନେଶ୍ୱର,(ପି.ଏନ) : ପୂର୍ଣ୍ଣ ଦର୍ଶକୀୟ କ୍ଷମତାରେ ହେବ ବାରବାଟୀ କ୍ରିକେଟ ମ୍ୟାଚ୍ । ବାରବାଟୀରେ ଶତ ପ୍ରତିଶତ ଦର୍ଶକୀୟ କ୍ଷମତାକୁ ଅନୁମତି ଦେଇଛି ବିସିସିଆଇ । ଆସନ୍ତା ଜୁନ୍ ୧୨ରେ ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେଉଥିବା ବେଳେ ସବୁ ସିଟ୍ ପାଇଁ ଟିକେଟ୍ ବିକ୍ରୀ ହେବ । କରୋନା କଟକଣା କୋହଳ ହେବା ପରେ ଏହି ନିଷ୍ପତି ନେଇଛି ବିସିସିଆଇ ।ଦୀର୍ଘ ଦିନର ବ୍ୟବଧାନ ପରେ ବାରବାଟୀ ଷ୍ଟାଡିୟମରେ କ୍ରିକେଟ୍ ମ୍ୟାଚ୍ ର ଆୟୋଜନ ହେଉଥିବାର ଓଡ଼ିଶାର କ୍ରିକେଟ୍ ପ୍ରେମୀଙ୍କ ମନରେ ଉତ୍ସାହ ଦେଖାଯାଇଛି ।ଅପରପକ୍ଷରେ ବାରବାଟୀର ନବକଳେବର ପାଇଁ ଅଂଟା ଭିଡ଼ିଛି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) । ଆସନ୍ତା ଜୁନ୍ ୧୨ତାରିଖରେ ଏଠାରେ ଆୟୋଜିତ ହେବାକୁ ଥିବା ଏହି ଟି -୨୦ ମୁକାବିଲା ପୂର୍ବରୁ ସମସ୍ତ କାମକୁ ଶେଷ କରାଯିବ । ଏଥିପାଇଁ ଷ୍ଟାଡ଼ିୟମରେ ଜୋରଦାର ପ୍ରସ୍ତୁତି ଚାଲିଛି । ବାରବାଟୀର ନବକଳେବର ଦାୟିତ୍ୱ ଗୁଜୁରାଟ ମୋଟେରା ଠାରେ ତିଆରି ହୋଇଥିବା ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମକୁ ଡିଜାଇନ କରିଥିବା ସଂସ୍ଥାକୁ ଦେଇଛି ଓସିଏ ।

## ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା । ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଭଦ୍ରକ, (ପି.ଏନ): ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ, ଉଦ୍ଧାର, ଥଇଥାନ ଆଦି କାର୍ଯ୍ୟର ସୁପରିଚାଳନା ନିମି ଚଳିତ ବର୍ଷ ପାଇଁ ଆଜି ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଡ଼ି.ଆର.ଡ଼ି.ଏ. ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାଯୋଜନା ବୋର୍ଡ଼ ର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍, ଅଧ୍ୟକ୍ଷ ଜିଲ୍ଲା ପରିଷଦ ପ୍ରଫୁଲ୍ଲ କୁମାର ଜେନା, ଧାମନଗର ବିଧାୟକଙ୍କ ପ୍ରତିନିଧି ମନୋରଂଜନ ମଲ୍ଲିକ୍, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ବିପର୍ଯ୍ୟୟ ପରିଚାଳନା ନେଇ ଜୋନ୍, ସବ୍‌ଜୋନ୍ ଗଠନ ଓ ଅଧିକାରୀ ନିଯୁକ୍ତି, ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀର ମରାମତି, ଦୁର୍ବଳ ନଦୀବନ୍ଧ ଚିହ୍ନଟ ଓ ପ୍ରତିକାର, ସରକାରୀ ଯନ୍ତ୍ର ଚାଳିତ ଡ଼ଙ୍ଗାର ର ମରାମତି ଓ ରକ୍ଷଣାବେକ୍ଷଣ, ବର୍ଷା ଜଳ ନିଷ୍କାସନ, ଦୁର୍ଗମ ସ୍ଥାନରେ ଖାଦ୍ୟ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ, ନିୟନ୍ତ୍ରଣ କକ୍ଷର କାର୍ଯ୍ୟକ୍ଷମ, ସ୍ୱାସ୍ଥ୍ୟସେବା ପାଇଁ ଆଗୁଆ ପଦକ୍ଷେପ, ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ, ଅସ୍ଥାୟୀ ବେତାରକେନ୍ଦ୍ର ସ୍ଥାପନ, ପଶୁ ଚିକିତ୍ସା ଓ ପଶୁ ଖାଦ୍ୟ ମହଜୁଦ ବ୍ୟବସ୍ଥା, କୃଷି ସେବା ପାଇଁ ପଦକ୍ଷେପ, ବର୍ଷା ପରିମାପକ ଯନ୍ତ୍ରର ଅବସ୍ଥା ଆଦି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ତଦ୍‌ଜନିତ ସମସ୍ୟାର ସମାଧାନ ଓ ସାମ୍ଭାବ୍ୟ ବିପର୍ଯ୍ୟୟ ପାଇଁ ପୂର୍ଣ୍ଣ ପ୍ରସ୍ତୁତି ନିମି ନିର୍ଦ୍ଦେଶ ଦିଆଯାଇଥିଲା । ବିପର୍ଯ୍ୟୟର ସୁପରିଚାଳନା ପାଇଁ ଭଦ୍ରକ ଜିଲ୍ଲାକୁ ୧୨ଟି ଜୋନ୍‌ରେ ଭାଗ କରାଯାଇଛି । ୭ଟି ବ୍ଲକ୍, ୪ଟି ପୌରା ଳ ଓ ଧାମରାକୁ ଗୋଟିଏ ଜୋନ୍ ଭାବେ ନିଆଯାଇଛି । ବ୍ଲକ ସ୍ତରୀୟ ଜୋନ୍ ପାଇଁ ବି.ଡ଼ି.ଓ. ମାନଙ୍କୁ ଜୋନ୍ ଅଧିକାରୀ ଓ ତହସିଲଦାରମାନଙ୍କୁ ଅତିରିକ୍ତ ଜୋନ୍ ଅଧିକାରୀ, ପୌରା ଳ ଜୋନ୍ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଜୋନ୍ ଅଧିକାରୀ ଓ ଅତିରିକ୍ତ ତହସିଲଦାରଙ୍କୁ ଅତିରିକ୍ତ ଜୋନ୍ ଅଧିକାରୀ, ଧାମରା ପାଇଁ ଏବିଡ଼ଇଓ ଚାନ୍ଦବାଲି ଜୋନ ଅଧିକାରୀ ଓ ଅତିରିକ୍ତ ତହସିଲଦାର ଚାନ୍ଦବାଲିଙ୍କୁ ଅତିରିକ୍ତ ଜୋନ୍ ଅଧିକାରୀ ଦାୟୀତ୍ୱ ଦିଆଯାଇଛି । ପୁଣି ବରିଷ୍ଠ ପ୍ରଶାସନିକ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଭଦ୍ରକ ବ୍ଲକ ଓ ଭଦ୍ରକ ପୌରପାଳିକା, ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ ଓ ପୌରପରିଷଦ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଧାମନଗର ଓ ବନ୍ତ ବ୍ଲକ ଓ ଧାମନଗର ପୌରା ଳ, ଉପଜିଲ୍ଲାପାଳଙ୍କୁ ତିହିଡ଼ି ଓ ଭଣ୍ଡରିପୋଖରୀ ବ୍ଲକ୍‌ର ଦାୟୀତ୍ୱ ଅର୍ପଣ କରାଯାଇଛି । ବିପର୍ଯ୍ୟୟ ସମ୍ପର୍କ ସୂଚନା ଓ ନଦୀର ଜଳପତନ ବିବରଣୀ ତ୍ୱରିତ ହସ୍ତଗତ ପାଇଁ ବୈତରଣୀ ନଦୀର ଆଖୁଆପଦା, ଗାନ୍ଧୀଘାଟ, ତିହିଡ଼ିର ଶ୍ୟାମସୁନ୍ଦରପୁର ଠାରେ ଜୁନ୍ ୧ ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ୩ଟି ଅସ୍ଥାୟୀ ବେତାର କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପି ନିଆଯାଇଛି । ବି.ଡ଼ି.ଓ ଓ ତହସିଲଦାର ମାନଙ୍କ ଦାୟିତ୍ୱରେ ଥିବା ଜିଲ୍ଲାର ସମୁଦାୟ ୩୬ଟି ଯନ୍ତ୍ରଚାଳିତ ଡ଼ଙ୍ଗା ମଧ୍ୟରୁ ୩୦ଟି ସଚଳ ଓ ୬ଟି ଅଚଳ ଏବଂ ଏଥିପାଇଁ ୩୧ଜଣ ଅସ୍ଥାୟୀ ଲ ଡ୍ରାଇଭର ଓ ୩୦ଜଣ ଖଲାସୀ ନିଯୁକ୍ତ ନିମନ୍ତେ ପଦକ୍ଷେପ ନିଆଯାଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା । ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଓ ଭଦ୍ରକ ବ୍ଲକ ବ୍ୟତୀତ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ବର୍ଷାମାପକ ଯନ୍ତ୍ର କାର୍ଯ୍ୟକ୍ଷମ ଥିବା ନେଇ ମଧ୍ୟ ସୂଚନା ଦିଆଯାଇଥିଲା । ଜିଲ୍ଲାରେ ଥିବା ବାତ୍ୟାଆଶ୍ରୟସ୍ଥଳୀ ୬୦ଟି, ବନ୍ୟା ଆଶ୍ରୟସ୍ଥଳୀ ୨୪ଟି , ଏସ୍.ଆର୍.ସିଙ୍କ ଅଧୀନରେ ଏବଂ ରେଡ଼କ୍ରସ୍ ବାତ୍ୟାଶ୍ରୟ ସ୍ଥଳୀ ୨୦ଟି ସମୁଦାୟ ୧୦୪ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ଅଛି । ବିଶେଷ କରି ସହରା ଳର ନାଳନର୍ଦ୍ଦମା ଗୁଡ଼ିକର ନିୟମିତ ସଫେଇ ବ୍ୟବସ୍ଥା ଓ ବର୍ଷା/ବନ୍ୟା ଜଳ ସମ୍ପୂର୍ଣ୍ଣ ନିଷ୍କାସନ ଦିଗରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ ସମ୍ବନ୍ଧରେ ବିଧାୟକମାନେ ଓ ସାଂସଦ ପ୍ରମୁଖ ଗୁରୁତ୍ୱ ଆରୋପ କରିଥିଲେ । ଜିଲ୍ଲାରେ ୧୮,୪୮୩ଟି ନଳକୂପ ସଚଳ ଥିବା, ୩୩୭ଟି ପାଇପ ଜଳ କାର୍ଯ୍ୟ କରୁଥିବା, ୨୩୪ଟି ଓଭର ହେଡ଼ ଟ୍ୟାଙ୍କ କାର୍ଯ୍ୟକ୍ଷମ ଥିବା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପ୍ରକାଶ କରାଯାଇଥିଲା । ବନ୍ୟା ଅ ଳରେ ନଳକୂପ ପ୍ଲାଟଫର୍ମକୁ ଉଚ୍ଚ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟାକ୍ଲିଷ୍ଟ ଅ ଳରେ ଗୃହପାଳିତ ପଶୁଙ୍କ ପାଇଁ ୧୪ଟି ଭ୍ରାମ୍ୟମାଣ୍ୟ ଟିମ୍ ଓ ପର୍ଯ୍ୟାପ୍ତ ପରିମାଣରେ ପଶୁ ଔଷଧ ଓ ଇନ୍‌ଜେକ୍ସନ୍ ପ୍ରସ୍ତୁତ ରଖାଯାଇଥିବା ନେଇ ଜିଲ୍ଲା ମୁଖ ମୁଖ୍ୟ ଚିକିତ୍ସାଧିକାରୀ ତଥ୍ୟ ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟ ସେବା ପାଇଁ ଆଗୁଆ ପଦକ୍ଷେପ ସ୍ୱରୂପ ବନ୍ୟା ଜନିତ ସଂକ୍ରମଣ ରୋଗ ମୁକାବିଲା ନିମନ୍ତେ ୧୦ ଗୋଟି ମୋବାଇଲ ରିଲିଫ୍ ଟିମ୍ ଗଠନ କରାଯିବା ସହିତ ଆବଶ୍ୟକୀୟ ଅନୁଯାୟୀ ଜରୁରୀ ଔଷଧ, ସାପ ବିଷ, ଇନ୍‌ଜେକ୍ସନ୍ ସାମଗ୍ରୀ ମହଜୁଦ ରଖାଯାଇଥିବା ନେଇ ବୈଠକରେ ଉପସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମନୋଜ କୁମାର ପାତ୍ର ପ୍ରକାଶ କରିଥିଲେ । ଦୁର୍ଗମ ସ୍ଥାନରେ ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ୍ ନେଇ ଜିଲ୍ଲାର ୭ଟି ବ୍ଲକରେ ୪୯ଟି ଗ୍ରା.ପ.ରେ ମୋଟ ୭୦୦୦ ଲିଟର କିରୋସିନି, ୧୬,୪୪୦ କ୍ୱିଲ ଚାଉଳ, ଗ୍ରା.ପ. ଗୋଦାମ ଗୃହରେ ଓ ୪୦୦୦ କ୍ୱି ରିଜର୍ଭ ଷ୍ଟକ୍ ଭାବେ ଗଚ୍ଛିତ କରାଯିବ ବୋଲି ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଥିଲା । କୃଷିରେ ବନ୍ୟା ଜନିତ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ହେଉଥିବା ଲଘୁ ଶସ୍ୟ ଉତ୍ପାଦନ ପାଇଁ ବିହନ ଓ ମଞ୍ଜି ମହଜୁଦ ରଖିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ସାଳନ୍ଦୀ ଜଳ ସେଚନ ଅଧୀନରେ ଚାନ୍ଦବାଲି ଅ ଳରେ ୬୬ କି.ମି. ଲୁଣି ବନ୍ଧ ସହ ସମୁଦାୟ ୨୧୨ କିମି ନଦୀବନ୍ଧ, ବାଲେଶ୍ୱର ସେଚ ଅଧୀନରେ ଥିବା ୬୮ କିମି ସମୁଦ୍ର ମୁହାଁ ଲୁଣି ବନ୍ଧ ଓ ନଦୀମୁହାଁ, ୨୫.୫କିମି. ସମୁଦାୟ ୯୩.୫ କିମି ନଦୀବନ୍ଧ ଏବଂ ଶାଳପଡ଼ା ସେଚ ଅଧୀନରେ ଥିବା ମାତ୍ର ୧.୫ କି.ମି. ନଦୀ ବନ୍ଧର ଦୁର୍ବଳ ଅ ଳ ଚିହ୍ନଟ, ପ୍ରତିକାର ଓ ନଦୀବନ୍ଧ ଭାଙ୍ଗିବା, ବୁଡ଼ିବା ଆଦି ସମ୍ଭାବ୍ୟ ବିପର୍ଯ୍ୟୟ ପାଇଁ ପୁରାଦମ୍‌ରେ ପ୍ରସ୍ତୁତ ରହିବା ପାଇଁ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଜିଲ୍ଲା ଓ ବ୍ଲକ୍‌ମାନଙ୍କରେ ନିୟନ୍ତ୍ରଣ କକ୍ଷ ଦିବା ରାତ୍ର କାର୍ଯ୍ୟ କରୁଥିବା ଭଳି ଜଳସେଚନ ଡ଼ିଭିଜନ୍, ଜିଲ୍ଲା କୃଷି କାର୍ଯ୍ୟାଳୟ, ମୁଖ୍ୟ ଚିକିତ୍ସାଳୟ , ଜୁନ୍ ରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ ପ୍ରତ୍ୟେହ ୨୪ ଘ । ନିୟନ୍ତ୍ରଣ କକ୍ଷ ଚାଲୁ ରଖିବାକୁ କୁହାଯାଇଛି । ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍.ପି.ବି.କେ କେର୍କେଟା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋରମା ଜାଲି, ପ ାୟତ ସମିତି ଓ ପୌର ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷ, ଅଧ୍ୟକ୍ଷା ପ୍ରମୁଖଙ୍କ ସହ ଜିଲ୍ଲା, ବ୍ଲକ, ତହସିଲସ୍ତରୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Saturday May 21, 2022 ଭୁବନେଶ୍ୱର ଶନିବାର, ମଇ ୨୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ୪୦ତମ ସର୍ବଭାରତୀୟ ବୃହତ ବନ୍ଦର କ୍ରିକେଟ୍ ପ୍ରତିଯୋଗିତା : ପାରାଦ୍ୱୀପ, ମୁମ୍ବାଇ, କାଣ୍ଡଲା ଓ କୋଲକତା ବନ୍ଦର ସେମିଫାଇନାଲରେ



ପାରାଦ୍ୱୀପ,(ପି.ଏନ) : ପାରାଦ୍ୱୀପ ବନ୍ଦର ଓ ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ପାରାଦ୍ୱୀପର ଗୋପବଂଧୁ ଷ୍ଟାଡିୟମଠାରେ ଆୟୋଜିତ ୪୦ତମ ଅଖିଳ ଭାରତ ବୃହତ ବନ୍ଦର କ୍ରିକେଟ୍ ପ୍ରତିଯୋଗୀତାର ଶୁକ୍ରବାର ତୃତୀୟ ଦିନର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ବନ୍ଦର ପ୍ରଥମ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ୍ ହରାଇ ୮୪ ରନ୍ କରିଥିଲା । ଜବାବରେ ମୁମ୍ବାଇ ବନ୍ଦର ୫ ଓଭରରେ ୧ଟି ଉଇକେଟ୍ ହରାଇ ୯୦ ରନ୍ କରି ମ୍ୟାଚଟିକୁ ୯ ଉଇକେଟ୍‌ରେ ଜିତି ନେଇଥିଲା । ଦ୍ୱିତୀୟ ମ୍ୟାଚରେ ପାରାଦ୍ୱୀପ ବନ୍ଦର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ୍‌ରେ ହରାଇ ୨୦୮ ରନ୍ କରିଥିଲା । ଜବାବରେ ଜବାହାରଲାଲ ନେହ୍ରୁ ବନ୍ଦର ୧୯.୩ ଓଭରରେ ୧୦ ଉଇକେଟ୍‌ରେ ୧୩୮ ରନ୍ କରିଥିଲା । ପାରାଦ୍ୱୀପ ବନ୍ଦର ୭୦ ରନ୍‌ରେ ମ୍ୟାଚ୍‌ଟିକୁ ଜିତି ନେଇଥିଲା । ସେହିପରି ତୃତୀୟ ମ୍ୟାଚରେ ବିଶାଖାପାଟଣା ବନ୍ଦର ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ବିନିମୟରେ ୯୯ ରନ୍ କରିଥିଲା ଓ ଏହାର ଜବାବରେ କାଣ୍ଡଲା ବନ୍ଦର ୧୮.୫ ଓଭରରେ ୭ ଉଇକେଟ୍ ହରାଇ ୧୦୨ ରନ୍ କରି ମ୍ୟାଚ୍‌ଟିକୁ ୩ ଉଇକେଟ୍‌ରେ ଜିତି ନେଇଥିଲା । ଆସନ୍ତାକାଲି ସେମିଫାଇନାଲରେ ପାରାଦ୍ୱୀପ ବନ୍ଦର କାଣ୍ଡଲାକୁ ଓ ମୁମ୍ବାଇ ବନ୍ଦର କୋଲକାତା ବନ୍ଦରକୁ ଭେଟିବ ।

## ଭଡ଼ଙ୍ଗା ଓ ସୁଭଦ୍ରାପୁରରେ ଗଳିପୋଲ ନିର୍ମାଣ ଦାବି

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥର ଭଡ଼ଙ୍ଗା ଓ ସୁଭଦ୍ରାପୁର ଛକରେ ଗଳିପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ଆଜି ହରିଦାସପୁର ପଞ୍ଚାୟତ ଚାରିବାଟିଆ ଗାଁ ଦୁର୍ଗାମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ବିକ୍ରମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସମିତିସଭ୍ୟ ଚିତ୍ତରଂନ ନାୟକ, ଆଇନଜୀବୀ ସମ୍ବିତ ମହାପାତ୍ର, ଯୁବନେତା ରାକେଶ କୁମାର ନାୟକ, ଦୁର୍ଗା କମିଟି ସଭାପତି ପ୍ରମୋଦ ଜେନା, ଉଗ୍ରସେନ ନାୟକ, ନରହରି ସ୍ୱାଇଁ, ଅନନ୍ତ ମହାରଣା, ଚିନ୍ମୟ ପୃଷ୍ଟି, ଅଭୟ ସାହୁ ଓ ଅକ୍ଷୟ କୁମାର ଗନ୍ତାୟତ ଯୋଗଦେଇ ଭଡ଼ଙ୍ଗା ଓ ସୁଭଦ୍ରାପୁର ଛକରେ ଗଳିପୋଲ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ଉଭୟ ସ୍ଥାନରେ ଗଳିପୋଲ ନିର୍ମାଣ କରାନଗଲେ ସ୍ଥାନୀୟ ଗ୍ରାମବାସୀ ନିକଟସ୍ଥ ହରିଦାସପୁର ରେଳ ଷ୍ଟେସନ, ଡାକ୍ତରଖାନା, ସ୍କୁଲ୍ ଓ ଚାଷଜମିକୁ ଯିବାପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବେ । ବିଶେଷ କରି ଚାଷୀମାନେ ହଳନଙ୍ଗଳ ନେଇ ରାଜପଥ ପାରିହେବାରେ ସମସ୍ୟା ଉପୁଜିବ । ଏବେ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଦାୟିତ୍ୱରେ ଥିବା ଠିକାସଂସ୍ଥା ଅଞ୍ଚଳବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉନାହିଁ । ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଉକ୍ତ ଦୁଇଟି ସ୍ଥାନରେ ଗଳିପୋଲ ନିର୍ମାଣପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେବାକୁ ବୈଠକରେ ଦାବି କରାଯାଇଥିଲା ।

## କାନପୁର ଦଳିତ ସାହିରେ ଉତ୍କଟ ପାନୀୟ ଜଳ ସମସ୍ୟା



ଧର୍ମଶାଳା, ୨୦।୫(ପିଏନ୍): ଧର୍ମଶାଳା ବ୍ଲକ ଥାନୁଆଳ ପଂଚାୟତ କାନପୁର ଦଳିତସାହିରେ ବିଭାଗ ତରଫରୁ ନିର୍ମିତ ପାଣି ଟାଙ୍କି ନେଇ ସାହିରେ ଦ୍ୱନ୍ଦ ଚାଲିଥିବା ବେଳେ ପାଣି ଟୋପାଏ ପାଇଁ ଗ୍ରାମବାସୀମାନେ ଡହଳବିକଳ ହେଉଛନ୍ତି । ଏଠାରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଦୀର୍ଘ ବର୍ଷ ହେଲା ଗ୍ରାମରେ ଥିବା ପାଣି ଟାଙ୍କିଟି ଲୋକମାନଙ୍କୁ ପାଣି ଯୋଗାଇ ଆସୁଥିଲା। ତେବେ ଗ୍ରାମର ଜୈନେକ ବ୍ୟକ୍ତି ପାଣି ଟାଙ୍କି ବସିଥିବା ସ୍ଥାନଟିକୁ ନିଜର ଦାବି କରି ପାଇପ ଭାଙ୍ଗିବା ସହ ପାଣି ଯୋଗାଣ ବନ୍ଦ କରିଦେଇଛନ୍ତି। ଏନେଇ ଗ୍ରାମବାସୀ ବ୍ଲକ ଓ ତହସିଲ ପ୍ରଶାସନ ସମେତ ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଧ୍ୟ ଏଯାବତ୍ ଗ୍ରାମବାସୀଙ୍କୁ କୌଣସି ସୁଫଳ ମିଳିଲା ନାହିଁ। ସାହିର ଜଣେ ବ୍ୟକ୍ତିଙ୍କ ଆକ୍ରୋସ ପାଇଁ ସାହିସାରା ଲୋକେ ପାଣି ମୁନ୍ଦାଏରୁ ବଂଚିତ ହେଉଛନ୍ତି ବୋଲି ସାହିର ବସନ୍ତ ମଲିକ, ପ୍ରଫୁଲ୍ଲ ମଲିକ ଓ ଲଳିତା ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଅତି ହାଲୁକା ଭାବେ ଗ୍ରହଣ କରି କୌଣସି ପ୍ରତିକାର କରୁନଥିବା ଅଭିଯୋଗ ହୋଇଛି । ଏବେ ଟୋପାଏ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି କାନପୁର ଦଳିତ ସାହିର ବାସିନ୍ଦା। ସାହିରେ କୌଣସି ସରକାରୀ କିମ୍ବା ବେସରକାରୀ ନଳକୂପ ନଥିବାରୁ ପାଣି ପାଇଁ ଗ୍ରାମବାସୀ ଅଧ କିଲୋମିଟର ଦୂରରେ ଥିବା ଏକ କୂଅ ଉପରେ ନିର୍ଭର କରୁଛନ୍ତି। ପ୍ରଚଣ୍ଡ ଖରାରେ ଗ୍ରାମର ମହିଳାମାନେ କାଖରେ ଗରା ହାତରେ ବାଲଟି ଧରି ପାଣି ପାଇଁ କୂଅ ପାଖରେ ଲମ୍ବା ଲାଇନ ଲଗାଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପରେ ରାଜସ୍ୱ ନୀରିକ୍ଷକ ସଂପୃକ୍ତ ସ୍ଥାନକୁ ମାପଚୁପ କରିବାକୁ ଯାଇଥିବା ସମୟରେ ସଂପୃକ୍ତ ବ୍ୟକ୍ତି ଜଣକ ଗଣ୍ଡଗୋଳ କରିଥିଲେ। ପରେ ଟାଙ୍କିରୁ ଅନ୍ୟ ଏକ ସ୍ଥାନକୁ ପାଇପ ବିଛାଇ ଟ୍ୟାପ ଲଗାଇବାର ବ୍ୟବସ୍ଥା କରିଥିଲେ ସୁଦ୍ଧା ପାଣି ପାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏନେଇ ଥରେ ନୁହେଁ ଅନେକ ଥର ଗ୍ରାମବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଫଳ ଶୂନ। ତେବେ ଅବରୋଧ କରି ରଖିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଲୋକମାନଙ୍କୁ ଟାଙ୍କି ଯୋଗେ ପାଣି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ଧର୍ମଶାଳା ବିଡିଓ କହିଛନ୍ତି ।

## ଧର୍ମପ୍ରାଣା ବନଲତା ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକର ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ସ୍ୱର୍ଗତ ବୈରାଗୀ ଚରଣ ବିଶ୍ୱାଳଙ୍କ ପତ୍ନୀ ତଥା ଧର୍ମପ୍ରାଣା ମହିଳା ବନଲତା ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଜାରକାସ୍ଥିତ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି। କବି ଡଃ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳାର ପ୍ରାକ୍ତନ ବିଧାୟକ ରବିଲାବଣ୍ୟ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖ ଯୋଗଦେଇ ବନଲତା ଜଣେ ଦରଦୀ, ହୃଦୟବାନ ଓ ଅସିମ ସାହସ ଧର୍ଯ୍ୟସହ ପ୍ରେରଣା ଯୋଗାଇଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ସମ୍ବାଦିକ ଅଖିଳ କୁମାର ସ୍ୱାଇଁ, ନିର୍ମଳ କୁମାର ସାମଲ, ଗୋବିନ୍ଦ ଚନ୍ଦ୍ର ସାହୁ, ଅଧ୍ୟାପକ ସଚିଦାନନ୍ଦ ପ୍ରଧାନ, କବି ଗୋବିନ୍ଦ ଚନ୍ଦ୍ର ସାହୁ, ଯୁବ କବି ସୁବାଷ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ଗୋଲକ ବିହାରୀ ମଲିକଙ୍କ ଦ୍ୱାରା ଗୀତାପାଠ କାର୍ଯ୍ୟକ୍ରମ କରାଯାଇଥିଲା । ବଡପୁଅ ପବିତ୍ର ମୋହନ ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ସାପଟିକୁ ଉଦ୍ଧାର କରି ଦେଉଳି ପାହାଡରେ ଛାଡି ଦେଇଥିବା ସୂଚନା ମିଳିଛି।

## ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ନାହିଁ : କଂଗ୍ରେସ

ଭୁବନେଶ୍ୱର, (ପି.ଏନ):, ରାଜ୍ୟରେ ଜଣେ ବି ଦଳିତ ଓ ଆଦିବାସୀ ବର୍ଗର ରାଜ୍ୟସଭା ସାଂସଦ ନାହାନ୍ତି । ତତ୍‌ସହିତ ରାଜ୍ୟରେ ପଛୁଆବର୍ଗର ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ସଭା ନିର୍ବାଚନରେ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିନାହିଁ। କେବଳ ପଛୁଆବର୍ଗଙ୍କୁ ସରଂକ୍ଷଣ ନେଇ କେବଳ ମୁଖ୍ୟମନ୍ତ୍ରୀ ରାଜନୀତି କରନ୍ତି ବୋଲି ଶାସକ ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ଟାର୍ଗେଟ କରିଛି କଂଗ୍ରେସ।ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ମନୋଜ ମହାପାତ୍ର କହିଲେ ଯେ, ରାଜ୍ୟର ଦଶଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ଜଣେ ବି ଦଳିତ ନାହାନ୍ତି, କି ଜଣେ ବି ଆଦିବାସୀ ବର୍ଗର ନାହାନ୍ତି। ପଛୁଆବର୍ଗଙ୍କୁ ଉଚିତ୍ ପ୍ରତିନିଧିତ୍ୱ ମିଳିନାହିଁ, ଓଡ଼ିଆ ଲୋକଙ୍କ ଦଳ ବୋଲି ନିଜକୁ ଦାବୀ କରୁଥିବା ବିଜୁ ଜନତା ଦଳ ଦୁଇଜଣ ଅଣ ଓଡ଼ିଆଙ୍କୁ ରାଜ୍ୟ ସଭା ପଠାଇଛି। ତା'ହେଲେ ଏହି ୯୨ ଭାଗ ଜନସଂଖ୍ୟା ଭିତରୁ କ'ଣ କେହି ଯୋଗ୍ୟ ପ୍ରାର୍ଥୀ ନାହାନ୍ତି କି ବୋଲି ପ୍ରଶ୍ନ କରିଥିଲେ ଶ୍ରୀ ମହାପାତ୍ର। ମହିଳାମାନଙ୍କୁ ୩୩ ଭାଗ ସଂରକ୍ଷଣ ଦେବାର ଶ୍ରେୟ ନେଉଥିବା ମୁଖ୍ୟମନ୍ତ୍ରୀ ରାଜ୍ୟସଭାରେ ମାତ୍ର ଜଣେ ମହିଳାଙ୍କୁ ପ୍ରତିନିଧିତ୍ୱ ପାଇଁ ପଠାଇଛନ୍ତି। ଓ.ବି.ସି କମିଶନ ଗଠନ କରିଛନ୍ତି କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ଓ.ବି.ସି ଜାତିଭିତିକ ଜନଗଣନା କରିବାକୁ କେନ୍ଦ୍ର ସରକାର ମନା କରିଦେଲା ପରେ ମୁଖ୍ୟମନ୍ତ୍ରୀ ଗତ ସେପ୍ଟେମ୍ବର ମାସରେ ଘୋଷଣା କରିଥିଲେ ରାଜ୍ୟ ନିଜସ୍ୱ ଜନଗଣନା କରିବ କିନ୍ତୁ ଏବେ ବି ଓ.ବି.ସି ଜନଗଣନା ନେଇ ସରକାର ଚୁପ୍ ହୋଇ ବସିଛନ୍ତି। ସୁପ୍ରିମ୍‌କୋର୍ଟରେ ଏସ୍.ଏଲ୍.ପି କରି ଦୀର୍ଘଦିନରୁ ବସିଯାଇଛନ୍ତି ରାଜ୍ୟ ସରକାର, କେବଳ ଭୋଟ୍ ବେଳେ ବିଭିନ୍ନ ଫନ୍ଦି ଫିକର କରି ଭୋଟ ହାତେଇବା ପାଇଁ ବିଭିନ୍ନ କୌଶଳ ତିଆରି ହେଉଛି, କିନ୍ତୁ ସାମାଜିକ ନ୍ୟାୟ ପ୍ରତିଷ୍ଠା ସହ ପଛୁଆବର୍ଗଙ୍କୁ ସେମାନେ ସାମ୍ବିଧାନିକ ଅଧିକାର ଦେବାପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକତା ନାହିଁ। ଆନ୍ତରିକତା ଥିଲେ ମଧ୍ୟପ୍ରଦେଶ ସରକାର ଭଳି ପଦକ୍ଷେପ ନେଇ ଓ.ବି.ସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବାର ପ୍ରୟାସ କରିଥାନ୍ତେ। ମଧ୍ୟପ୍ରଦେଶ ସରକାର ଓ.ବି.ସି. ସଂରକ୍ଷଣ ପରିପ୍ରେକ୍ଷୀରେ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ରାୟକୁ ସ୍ୱାଗତ କରିଛି କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଚଳିତ ରାଜ୍ୟସଭା ନିର୍ବାଚନରେ ଦଳିତ, ଆଦିବାସୀ ଓ ପଛୁଆବର୍ଗରୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେବାକୁ ଦାବୀ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଚିନ୍ମୟ ସୁନ୍ଦର ଦାଶ, ମଧୁମିତା ସେଠୀ ଓ ଜିନେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କୃଷି ବିଭାଗ କର୍ମଚାରୀଙ୍କ ପରଲୋକ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା କୃଷି କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଶରତ ଚନ୍ଦ୍ର ସେନାପତିଙ୍କର ୮୬ବର୍ଷ ବୟସରେ ଗୁରୁବାର ରାତିରେ ତାଙ୍କ ବଡହାଟସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପିଡିତ ହୋଇ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ମିଷ୍ଟଭାଷି, ପରୋପକାରୀ, ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ପଦ୍ମାବତୀ, ପୁତୁରା ସୁବାଶିଷ ସେନାପତି ଓ ସାମ୍ବାଦିକ ଆଶିଷ ସେନାପତିଙ୍କ ସମେତ ୪ଝିଅ ଓ ୪ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ରଣପଡାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ନାତି ଜିତୁ ସାହୁ ମୁଖାଗ୍ନି ଦେଇଥିଲେ।

## ପାରାଦ୍ୱୀପ, ମୁମ୍ବାଇ, କାଣ୍ଡଲା ଓ କୋଲକାତା ବନ୍ଦର ସେମିଫାଇନାଲରେ

ପାରଦ୍ୱୀପ,(ପି.ଏନ): ପାରାଦ୍ୱୀପର ଗୋପବନ୍ଧୁ ଷ୍ଟାଡିଅମ ଠାରେ ଆୟୋଜିତ ୪୦ତମ ଅଖିଳ ଭାରତ ବୃହତ ବନ୍ଦର କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିନରେ ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ବନ୍ଦର ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୮୪ ରନ କରିଥିଲା. ଜବାବରେ ମୁମ୍ବାଇ ବନ୍ଦର ମାତ୍ର ୫ ଓଭରରେ ୧ ଉଇକେଟ ହରାଇ ୯୦ ରନ କରି ମ୍ୟାଚ୍‌ଟିକୁ ୯ ଉଇକେଟରେ ଜିତି ନେଇଥିଲା. ୨ୟ ମ୍ୟାଚ୍‌ରେ ପାରାଦ୍ୱୀପ ବନ୍ଦର ପ୍ରଥମେ ବ୍ୟାଟିଙ୍ଗ କରି ୫ ଉଇକେଟ ବିନିମୟରେ ୨୦୮ ରନ କରିଥିଲା. ପାରାଦ୍ୱୀପର ଅମିତ ସାହୁ ୧୨୧ ରନ କରିଥିଲେ. ବିଶାଳ ସ୍କରକୁ ପିଛା କରି ଜବାହାରଲାଲ ନେହେରୁ ବନ୍ଦର ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୮ ରନ କରିପାରିଥିଲା. ପାରାଦ୍ୱୀପ ବନ୍ଦର ମ୍ୟାଚ୍‌ଟିକୁ ୭୦ ରନ ରେ ଜିତି ସେମିଫାଇନାଲରେ ସ୍ଥାନ ନେଇଛି। ୩ୟ ମ୍ୟାଚ୍‌ରେ ବିଶାଖାପାଟଣା ବନ୍ଦର ପ୍ରଥମେ ବ୍ୟାଟିଙ୍ଗ କରି ସମସ୍ତ ଉଇକେଟ ବିନିମୟରେ ୯୯ ରନ କରିଥିଲା. ଜବାବରେ କାଣ୍ଡଲା ବନ୍ଦର ୧୮.୫ ଓଭରରେ ୭ ଉଇକେଟ ହରାଇ ୧୦୨ ରନ କରି ମ୍ୟାଚ୍‌ଟିକୁ ୩ ଉଇକେଟରେ ଜିତି ନେଇଥିଲା।

## ବନ୍ଦର ସହର ପାରାଦୀପରେ ନାହିଁ ବିଚାର ବିଭାଗୀୟ ଅଦାଲତ

ପାରାଦୀପ,(ପି.ଏନ): ଭାରତବର୍ଷର ସମସ୍ତ ବନ୍ଦରମାନଙ୍କରେ ବିଚାର ବିଭାଗୀୟ ଅଦାଲତ ରହିଛି । ବୃହତ୍ତ ବନ୍ଦର ଆଇନ୍ ଅନୁଯାୟୀ ଦେଶର ପ୍ରତ୍ୟେକ ବନ୍ଦରମାନଙ୍କରେ ବିଚାର ବିଭାଗୀୟ ଅଦାଲତ ରହିବା କଥା । ହେଲେ ଏହାର ଏକ ବିରଳ ବ୍ୟତିକ୍ରମ ସାଜିଛି ପାରାଦୀପ ବନ୍ଦର । ଦେଶର ସମସ୍ତ ପ୍ରମୁଖ ବନ୍ଦରମାନଙ୍କୁ ବିଭିନ୍ନ ଦେଶମାନଙ୍କରୁ ବିଦେଶୀ ନାଗରିକ ମାନେ ଆସିଥାନ୍ତି । ସେମାନଙ୍କ ମଧ୍ୟରୁ କିଛି ଅପରାଧ ପ୍ରବଣ ବ୍ୟକ୍ତିମାନେ ଥାଆନ୍ତି । ସେମାନଙ୍କୁ ଗିରଫ କରାଯିବା ପରେ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍(ସି.ଜେ.ଏମ୍)ଙ୍କ କୋର୍ଟରେ ହାଜର କରାଯାଇଥାଏ । ପାରାଦୀପ ବନ୍ଦରରେ ବିଗତ ଦିନ ମାନଙ୍କରେ ବର୍ମା(ମିଆଁମାର୍)ର ମତ୍ସ୍ୟଜୀବୀ ଅନୁପ୍ରବେଶ କରି ଧରା ହୋଇଛନ୍ତି । ସେମାନଙ୍କୁ ପାରାଦୀପରେ କୋର୍ଟ ନଥିବାରୁ ୬୦ କିଲୋମିଟର ଦୂରରେ ଜଗତସିଂହପୁରରେ ଥିବା ମାନ୍ୟବର ସି.ଜେ.ଏମ୍ ଙ୍କ ଅଦାଲତରେ ହାଜର କରାଯାଇଥିଲା । ସେହିପରି ଏକ ପଣ୍ୟବାହୀ ଜାହାଜରେ ଜଣେ ଅନୁପ୍ରବେଶକାରୀ ଆସିଯାଇଥିବାରୁ ସେହି ବ୍ୟକ୍ତିଙ୍କୁ ଗିରଫ କରାଯାଇ ସି.ଜେ.ଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା । ପାରାଦୀପ ଭଳି ଶିଳ୍ପ ସମୃଦ୍ଧ ସହରର ସୁରକ୍ଷା ପାଇଁ ପାରାଦୀପ ଆଦର୍ଶ ଥାନା, ପାରାଦୀପ ମେରାଇନ୍ ଥାନା, ଜଟାଧାର ମୁହାଣ ସାମୁଦ୍ରିକ ଥାନା, ପାରାଦୀପ ଲକ୍ ଥାନା, ଅଭୟଚାନ୍ଦପୁର ଥାନା ରହିଛି । ପ୍ରତ୍ୟେକ ଦିନ ଏହି ଥାନା ଅଂଚଳରେ ଛୋଟ ବଡ ଅପରାଧମାନ ଘଟୁଛି ଘଟଣାର ଅଭିଯୁକ୍ତମାନଙ୍କୁ ପୋଲିସ୍ ଗିରଫ କରି କୋଡିଏ କିଲୋମିଟର ଦୂର କୁଜଙ୍ଗର ଅଦାଲତରେ ହାଜର କରାଯାଉଛି । ଯାହାକି ସମୟ ସାପେକ୍ଷ ଓ ରାସ୍ତା ଭିଡ ରହୁଥିବାରୁ ଅନେକ ସମୟରେ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରିବାକୁ ସମୟ ନଷ୍ଟ ହେଉଛି । ଏସବୁକୁ ଦୃଷ୍ଟିରେ ରଖି ପାରାଦୀପରେ ସି.ଜେ.ଏମ୍ କୋର୍ଟ ଓ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍(ଜେ.ଏମ୍.ଏଫ.ସି)ଙ୍କ ଅଦାଲତ ସ୍ଥାପନ କରିବାକୁ ସାଧାରଣରେ ଦାବୀ ହେଉଛି । ପ୍ରକାଶଥାଉକି, ସରକାର ଲୋକଙ୍କ ନିକଟରେ ଆଇନ୍ ସେବା ପହଂଚାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଫଳରେ ଆଇନଗତ ସେବା ପାଇବାରେ ଯେପରି ବିଳମ୍ବ ନହୁଏ ଏବଂ ଜନସାଧାରଣ ହଇରାଣର ସମ୍ମୁଖୀନ ନହୁଅନ୍ତି । ଏସବୁକୁ ଦେଖିଲେ ପାରାଦୀପ ଅଂଚଳର ଲୋକମାନେ ନ୍ୟାୟିକ ସେବା ପାଇବା ପାଇଁ ଯଦି ୨୦ କିଲୋମିଟର ବା ୬୦ କିଲୋମିଟର ଯିବେ ତେବେ ଏହା ସରକାରଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ହେଉଛି ବୋଲି ଚର୍ଚ୍ଚା ଚାଲିଛି । ଏହି ଆଇନ୍ ସେବା ଲୋକଙ୍କ ନିକଟରେ ପହଂଚାଇବା ପାଇଁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଓ ମାନ୍ୟବର ଉଚ୍ଚ ନ୍ୟାୟାଳୟ ବିଭିନ୍ନ ବ୍ଲକ୍ ମାନଙ୍କରେ କୋର୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେଥିପାଇଁ ପ୍ରତ୍ୟେକ ବ୍ଲକ୍ ମାନଙ୍କରେ ଅଦାଲତ ଖୋଲିଲାଣି । କିନ୍ତୁ ପାରାଦୀପବାସୀଙ୍କ ପାଇଁ ଆଇନ୍ ସେବା ଏବେବି ଅପହଂଚ । ଏଣୁ ସରକାର ପାରାଦୀପରେ ସି.ଜେ.ଏମ୍ କୋର୍ଟ ଓ ଜେ.ଏମ୍.ଏଫ.ସି, କୋର୍ଟ ତୁରନ୍ତ ପ୍ରତିଷ୍ଠା କରିବାକୁ ଦାବୀ ହେଉଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray